# ପାଣି କମୁଛି, ବିପଦ ଟଳିନି

■ ବିଭିନ୍ନ ନଦୀବନ୍ଧରେ ୮୦ ଘଳିଆର ମରାମତି
■ ନଦୀରେ ଭାସି ଯାଉଥିବା ବେଳେ ଜଣେ ଉଦ୍ଧାର
■ ରାଜସ୍ୱ, ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଅଫିସ, ୧୮।୮


ମାର୍ଶାଘାଇର ବନ୍ୟା ପ୍ଲାବିତ ଅଞ୍ଚଳ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ ପରିଦର୍ଶନ କରୁଛନ୍ତି।


ଲୁଣାନଦୀ ବନ୍ଧର କରିଲୋପାଟଣାଠାରେ ସୃଷ୍ଟ ଘଳିଆକୁ ମରାମତି କରାଯାଇଛି।

କେନ୍ଦ୍ରାପଡ଼ା ଜିଲା ମହାନଦୀ ସିଷ୍ଟମରେ ଥିବା ନଦୀଗୁଡ଼ିକରେ ବନ୍ୟା ଜଳସ୍ତର କମୁଛି। ହେଲେ ନଦୀରେ ଜଳସ୍ତରର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀବନ୍ଧରେ ଘଳିଆ ଯୋଗୁ ବନ୍ୟାଜଳ ଗ୍ରାମକୁ ପଶିବା ନେଇ ନିକଟସ୍ଥ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏବେ ସୁଦ୍ଧା ୮୦ଟି ସ୍ଥାନରେ ଘଳିଆର ମରାମତି ହୋଇଛି। ସ୍ଥାନାନ୍ତର, ସ୍ୱାସ୍ଥ୍ୟସେବା ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମୀକ୍ଷା କରିଛନ୍ତି। ବନ୍ୟା ସମୟରେ ଲୁଣା ନଦୀରେ କରାଣ୍ଡିଆପାଟଣା ଗ୍ରାମର କଳ୍ପତରୁ ସ୍ୱାଇଁ ଭାସି ଯାଉଥିବା ସମୟରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ସେହିପରି ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ନୋଡାଲ ଅଧିକାରୀ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ପୂର୍ବତନ ଜିଲାପାଳ ରେଘୁଜୀ, ଭାଜପା ନେତା ଭୁବନ ମୋହନ ଜେନା ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରିଥିଲେ।

ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ୭ ବ୍ଲକ ଅଞ୍ଚଳ ବନ୍ୟାଜଳ ଘେରରେ ଅଛି। ୩୪ ପଞ୍ଚାୟତର ୮୬ ଗ୍ରାମରେ ବନ୍ୟାଜଳ ପ୍ରବାହିତ ହେଉଛି। ଲୁଣାନଦୀର ଦାନପୁରଠାରେ ୩୨.୫୫ ଫୁଟ ବିପଦ ସଙ୍କେତ ଥିବାବେଳେ ଅପରାହ୍ନ ୨ଟା ସୁଦ୍ଧା ୩୪.୪୦ ଫୁଟ ଜଳସ୍ତର ରହିଛି। ସେହିପରି ଏହି ନଦୀର ମାର୍ଶାଘାଇରେ ୨୨ ଫୁଟ ବିପଦ ସଙ୍କେତ ଥିବା ବେଳେ ୨୪.୩୦ ଫୁଟ, ଲୁଣା ନଦୀର ଡେରାବିଶର ବସୁପୁରରେ ୨୬.୮୫ ଫୁଟ ଥିବାବେଳେ ୩୧.୬୦ ଫୁଟ, ପୂବାଂଶରେ ୩୫ ଫୁଟ ବିପଦ ସଙ୍କେତ ଥିବାବେଳେ ୩୬.୬୦ ଫୁଟରେ ଜଳ ପ୍ରବାହିତ ହେଉଛି। ଚିତ୍ରୋତ୍ପଳା ନଦୀ ପାଟକୁରାଠାରେ ଜଳସ୍ତର ବିପଦ ସଙ୍କେତଠାରୁ ପ୍ରାୟ ୪ ଫୁଟ ଉଚ୍ଚରେ ଅଛି। ଏଠାରେ ବିପଦ ସଙ୍କେତ ୨୧.୫୦ ଫୁଟ ଥିବା ବେଳେ ଅପରାହ୍ନ ୨ଟା ସୁଦ୍ଧା ୨୫.୪୦ ଫୁଟ ରହିଥିଲା। ଅପରପକ୍ଷରେ ବ୍ରାହ୍ମଣୀ ନଦୀର ଜଳସ୍ତର ଅଦ୍ୟାବଧି ବିପଦ ସଙ୍କେତ ଟପିନାହିଁ। ତେବେ ବ୍ରାହ୍ମଣୀ ନଦୀର କେନ୍ଦ୍ରାପଡ଼ାର ଇନ୍ଦୁପୁରଠାରେ ବିପଦ ସଙ୍କେତ ୮.୨୩ ମିଟର ଥିବା ବେଳେ ଏଠାରେ ୬.୧୧ ମିଟର ଅଛି। ସେହିପରି ଅଲଭାଠାରେ ୪.୮୮ ମିଟର ଥିବା ବେଳେ ଏବେ ୪.୩୦ ମିଟରରେ ଅଛି। ଗୁରୁବାର ସକାଳ ୮ଟା ସୁଦ୍ଧା ମାର୍ଶାଘାଇ, ଗରଦପୁର, ଡେରାବିଶ, ରାଜକନିକା, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବିଭିନ୍ନ ନଦୀର ବନ୍ୟାଜଳ ପ୍ରବାହିତ ହେଉଛି। ମୋଟ ୮୬ ପଞ୍ଚାୟତର ୧୯,୦୨୨ ଅଧିବାସୀ ଏଥିରେ ପ୍ରଭାବିତ ହୋଇଛନ୍ତି। ୮୨ଟି ଗ୍ରାମକୁ ବନ୍ୟାଜଳ ପଶିଛି। ୭,୧୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୩୨ଟି ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ ସହ ଅନ୍ୟ ଗ୍ରାମରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବିତରଣ କରାଯାଇଛି। ସେହିପରି ମୋଟ ୧୩,୭୫୯ଟି ଗୃହପାଳିତ ପ୍ରାଣୀ ବନ୍ୟାଜଳ ଘେରରେ ଅଛନ୍ତି। ୨୧ଟି କଚ୍ଚା ଘର ଭାଙ୍ଗିଛି। ବନ୍ୟାସ୍ଥିତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଏହାର ମୁକାବିଲା କରାଯାଉଛି। ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ନାୟକ କହିଛନ୍ତି, ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚିବା, ସେମାନଙ୍କୁ ସ୍ୱାସ୍ଥ୍ୟସେବା ଓ ପାନୀୟ ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି। କ୍ଷୟକ୍ଷତି ସମ୍ପର୍କରେ ଆକଳନ ପାଇଁ ସମୟ ନାହିଁ। ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବନ୍ୟା ସମୟରେ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଥିଲା। ଏବେ ସେମାନଙ୍କ ଥଇଥାନ ସହ ମୌଳିକ ସମସ୍ୟାର ସମାଧାନକୁ ଧ୍ୟାନ ଦିଆଯାଉଛି। ନଦୀବନ୍ଧରେ ହୋଇଥିବା ଘଳିଆକୁ ବନ୍ଦ କରାଯାଇଛି। ଜଳସ୍ତର କମୁଥିବାରୁ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି। ଆଗାମୀ ଦିନରେ କ୍ଷୟକ୍ଷତି ଆକଳନ ସହ ଲୋକଙ୍କ ଜୀବନଜୀବିକାକୁ ସାବଲୀଳ ପାଇଁ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମାର୍ଶାଘାଇରେ ୧୬ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

ମାର୍ଶାଘାଇ, ୧୮।୮(ଡି.ଏନ.ଏ.): ଚଳିତ ବନ୍ୟାରେ ମାର୍ଶାଘାଇ ଅଞ୍ଚଳରେ ପ୍ରବାହିତ ହେଉଥିବା ଲୁଣା, ଚିତ୍ରୋତ୍ପଳା, ପାଇକା, କରାଣ୍ଡିଆ ଆଦି ନଦୀରେ ବନ୍ୟାଜଳ ଆସିବା ଫଳରେ ୧୬ଟି ପଞ୍ଚାୟତର ୨୩ ଗୋଟି ଗ୍ରାମର ୧୬, ୭୧୪ ଲୋକ ପ୍ରଭାବିତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକର ୧୦ଟି ପଞ୍ଚାୟତ ଯଥା ଆଇତିପୁର, କରିଲୋପାଟଣା, ଜଳପୋକ, ମାର୍ଶାଘାଇ, ଦୁମୁକା, ଆଖୁଆଦକ୍ଷିଣୀ, ବଟିରା, ପରକୁଳା, ମଙ୍ଗରାଜପୁର, ମେହେନ୍ଦିନଗର ପଞ୍ଚାୟତରେ ୧୪ ଗୋଟି ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ସୁରକ୍ଷା ଦୃଷ୍ଟିରୁ ୨୩୭୯ ଜଣ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟରେ ଆଶ୍ରୟ ଦିଆଯାଇଛି। ବନ୍ୟା ଅଞ୍ଚଳରେ ପ୍ରଭାବିତ ଲୋକମାନଙ୍କୁ ୩ ଦିନ ପାଇଁ ଶୁଖିଲା ଖାଦ୍ୟ ପ୍ରାଶାସନ ପକ୍ଷରୁ ବଣ୍ଟନ କରାଯାଇଛି। ମାର୍ଶାଘାଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ୧୧ହଜାରରୁ ଊର୍ଦ୍ଧ୍ୱ ପଶୁପକ୍ଷୀଙ୍କ ପାଇଁ ୨୫ କୁଇଣ୍ଟାଲରୁ ଅଧିକ ଗୋଖାଦ୍ୟ ବଣ୍ଟନ କରାଯାଇଛି।

### ଉତ୍କଳ କେଶରୀ ମତ୍ସ୍ୟ ସମବାୟ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ

ରାଜନଗର,୧୮।୮: ରାଜନଗର ବ୍ଲକର ତ୍ରିନାଥବଜାରସ୍ଥିତ ସାମୁଦ୍ରିକ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ଉତ୍କଳ କେଶରୀ ପ୍ରାଥମିକ (ସାମୁଦ୍ରିକ) ମତ୍ସ୍ୟ ସମବାୟ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସମ୍ପାଦକ କାହ୍ନୁ ସେଠୀଙ୍କ ପୌରୋହିତ୍ୟରେ କମିଟିର ସଦସ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତାଙ୍କ ସହିତ ୪ ନଂ. ଜୋନକୁ ବାଦ୍ ଦେଇ ଅନ୍ୟ ୧୪ଟି ଜୋନ ପାଇଁ ନିର୍ଦ୍ଦେଶକ ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ସନାତନ ସେଠୀ, ଉପସଭାପତି ସଦାନନ୍ଦ ସେଠୀ, ୧ ନଂ. ଜୋନ ପାଇଁ ସନାତନ, ୨ ନଂ. ଜୋନ ରତ୍ନାକର ସେଠୀ, ୩ନଂ. ଜୋନ କମଳା ସେଠୀ, ୫ନଂ. ଜୋନ ହେମନ୍ତ ସେଠୀ, ୬ନଂ. ଜୋନ ମଦନ ମାଲ, ୭ନଂ. ଜୋନ ସଦାନନ୍ଦ, ୮ନଂ. ଜୋନ ସଜନୀ ସେଠୀ, ୯ନଂ. ଜୋନ ଗୋବିନ୍ଦ ସେଠୀ, ୧୦ନଂ. ଜୋନ ବାଇଧର ସେଠୀ, ୧୧ନଂ. ଜୋନ ଅକ୍ଷୟ ସ୍ୱାଇଁ, ୧୨ନଂ. ଜୋନ ଶୌଭେନ୍ଦ୍ର କୁମାର ସେଠୀ, ୧୩ନଂ. ଜୋନ ଅଭିରାମ ସେଠୀ, ୧୪ନଂ. ଜୋନ ଗଙ୍ଗାଧର ସେଠୀ, ୧୫ନଂ. ଜୋନ ପାଇଁ ସଙ୍ଗୀତା ଗୋଲ ନିର୍ବାଚିତ ହୋଇଛନ୍ତି।

### ଆଳିର ୧୦ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ

ଆଳି,୧୮।୮(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ଓ ତା'ର ଶାଖା କାଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ନଦୀରେ ବନ୍ୟାଜଳ ପ୍ରବେଶ କରିବା ପରେ ଆଳି ଧୋୟାଞ୍ଚଳ ଭାବେ ପରିଚିତ ୧୦ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଅଞ୍ଚଳର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଛି। ସୂଚନା ଅନୁଯାୟୀ, ଆଳି ବ୍ଲକ ଧୋୟାଞ୍ଚଳକୁ ଗମନାଗମନ ନିମନ୍ତେ ଥିବା ମାନପୁର-ଗୋବିନ୍ଦପୁର ମୁଖ୍ୟ ରାସ୍ତାର ଡିମିରିପାଳ ନାରଣପୁର ମଠ ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଧୋୟାଞ୍ଚଳର ଡିମିରିପାଳ, ଅରଗଳ, ଜୁଆଣିଅ, ଗୋବିନ୍ଦପୁର, କେତୁଆପାଳ, ଦେସାହି, ଏରଡ଼ଙ୍ଗ, ପାଳିମି, ପେତପଡା, ସଂସିଧା ପଞ୍ଚାୟତର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଅପରପକ୍ଷେ ଏହି ଅଞ୍ଚଳର ଅଧିକାଂଶ ଲୋକ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। ଚଳିତବର୍ଷ ବିଳମ୍ବରେ ବର୍ଷା ହେବା ଯୋଗୁ ଚାଷ କାର୍ଯ୍ୟ ପଛେଇ ଥିଲା। ବନ୍ୟା ଆସିବା ପରେ ଚାଷ ଜମି ଏବେ ଜଳମଗ୍ନ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଅପରପକ୍ଷରେ ଚାରଣ ଭୂଇଁ ବନ୍ୟାଜଳରେ ବୁଡିଯିବାରୁ ଗୋରୁ ଗୁହାଳେ ବନ୍ଧା ହୋଇ ରହିଛନ୍ତି।

### ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ରାଜନଗର, ୧୮।୮(ଡି.ଏନ.ଏ.) ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଦେଇଥିଲେ। ଏଥିରେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ନାଏବ ସରପଞ୍ଚ ସର୍ବେଶ୍ୱର ସେଠୀ, ସୁବାସ ଚନ୍ଦ୍ର ସାମଲ, ପ୍ରମୋଦ କୁମାର ସେଠୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ଥଇଥାନ କେନ୍ଦ୍ରରେ ବୃଦ୍ଧାଙ୍କୁ ମିଳୁନି ସକାଳ ଖାଦ୍ୟ

ଗୋଖାଖଟି ସରକାରୀ ପ୍ରାଥମିକ ବିଦ୍ୟାଳୟ

ମହାକାଳପଡ଼ା,୧୮।୮(ଡି.ଏନ.ଏ.)


ମହାକାଳପଡ଼ା ବ୍ଲକ ଗୋଖାଖଟି ଗାଁର ରିଲିଫ୍ ଥଇଥାନ କେନ୍ଦ୍ରରେ ୫୦ରୁ ଅଧିକ ବୃଦ୍ଧା ଓ ମହିଳାମାନଙ୍କୁ ସକାଳ ଖାଦ୍ୟ ମିଳିନି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ମହାନଦୀ, ଲୁଣା ଓ ପାଇକା ନଦୀରେ ପ୍ରଖର ବନ୍ୟାଜଳ ପ୍ରବାହିତ ହେଉଥିଲେ ମଧ୍ୟ ଗୁରୁବାର ସକାଳଠାରୁ ଦୁଇ ଫୁଟ ଜଳସ୍ତର ହ୍ରାସ ପାଇଛି। ସେହିପରି ବ୍ଲକର ବରକନ୍ଧା ପଞ୍ଚାୟତର ସ୍ଥାନୀୟ ଗୋଖାଖଟି ଗ୍ରାମର ୫୦ରୁ ଅଧିକ ବନ୍ୟା ପ୍ରଭାବିତ ପରିବାରଙ୍କୁ ନିକଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯାଇଥିଲା। ତେବେ ଥଇଥାନ କେନ୍ଦ୍ରରେ ମହିଳାମାନଙ୍କୁ ଗୁରୁବାର ସକାଳ ଖାଦ୍ୟ ଯୋଗାଇ ଦିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଖାଦ୍ୟ ମିଳି ନ ଥିଲା। ଥଇଥାନ କେନ୍ଦ୍ରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦେଖା ମିଳି ନ ଥିଲା। କେତେ ଜଣ ବୃଦ୍ଧାଙ୍କ କହିବା କଥା, ସକାଳୁ ଆସି ୧୨ଟା ବେଳ ହେଲାଣି, ଆମ୍ଭମାନଙ୍କୁ କିଛି ଖାଇବାକୁ ଦିଆଯାଇନି। ତେବେ ଏଠାରେ ପ୍ରଶ୍ନ ଉଠେ, ଥଇଥାନ କେନ୍ଦ୍ରରେ କେଉଁ ଅଧିକାରୀ ଦାୟିତ୍ୱରେ ଅଛନ୍ତି ତଦନ୍ତ କରାଗଲେ ଜଣାପଡ଼ିବ ବୋଲି କୁହାଯାଇଛି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା।

ଏ ସମ୍ପର୍କରେ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ଜେନାଙ୍କୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଜଳବନ୍ଦୀରେ ଢିଅବସୁପୁର ଗାଁ

ଡେରାବିଶ, ୧୮।୮(ସ୍ୱ.ପ୍ର.)



ଲୁଣା ଓ କରାଣ୍ଡିଆ ନଦୀରେ ଜଳସ୍ତର କମିଥିଲେ ମଧ ବସୁପୁର ପଞ୍ଚାୟତର ଢିଅବସୁପୁର ଗାଁର ଲୋକମାନେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଗତ ଦୁଇଦିନ ହେବ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ଢିଅବସୁପୁର ଗାଁରେ ରନ୍ଧାଖାଦ୍ୟ ଦିଆଯାଉଥିବା ବେଳେ ଗାଁ ଭିତରେ ଥିବା ଘରଗୁଡିକରେ କରାଣ୍ଡିଆ ନଦୀର ବନ୍ୟାଜଳ ଲହଡ଼ି ଭାଙ୍ଗୁଛି। ଗାଁ ଦାଣ୍ଡରେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଲୋକେ ନିଜକୁ ସୁରକ୍ଷିତ ରଖିବା ପାଇଁ ଘର ଛାତ ଉପରେ ଆଶ୍ରୟ ନେଇଛନ୍ତି। ଏଥିସହ ଗୃହପାଳିତ ପ୍ରାଣୀ ଓ ବହୁ ପରିବାର ନଦୀବନ୍ଧରେ ଅସ୍ଥାୟୀ ପଲିଥିନ୍ ତଳେ ଆଶ୍ରୟ ନେଇଛନ୍ତି। ତେବେ ବନ୍ୟା ପ୍ରକୋପ ପାଇଁ ଲୋକଙ୍କ ମନରେ ସାମାନ୍ୟ ଆଶଙ୍କା କମିଥିବା ବେଳେ ଜଳବନ୍ଦୀ ମଧ୍ୟରେ ଥିବା ଗ୍ରାମବାସୀ ନାହିଁ ନ ଥିବା ଅସବୁଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଶୁକ୍ରବାର ଲଘୁଚାପ ଜନିତ ବର୍ଷା ପାଇଁ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଥିବାରୁ ନଦୀକୂଳିଆ ଗ୍ରାମବାସୀ ଏବେ ଆତଙ୍କିତ ହୋଇ ପଡିଛନ୍ତି।

## ବନ୍ଧୁ ହେବ ତ ଏମିତି... ବନ୍ଧୁଙ୍କ ଅବର୍ତ୍ତମାନରେ ପରିବାରକୁ ସାହାଯ୍ୟ

ଆଳି,୧୮।୮(ଡି.ଏନ.ଏ.): ଆଜିର ସମାଜରେ ରକ୍ତ ସମ୍ପର୍କ ନିଜର ହେଉ ନ ଥିବା ବେଳେ ଜଣେ ବନ୍ଧୁର ଅବର୍ତ୍ତମାନରେ ତାଙ୍କ ଅସହାୟ ପରିବାର ନିକଟରେ ପହଞ୍ଚି ସାହା ହୋଇଛନ୍ତି ତାଙ୍କ ସାଙ୍ଗସାଥୀ। କଥାରେ ଅଛି ବନ୍ଧୁର ସୁଖଦୁଃଖରେ ଯେଉଁ ବନ୍ଧୁ ତା' ନିକଟରେ ଥାଏ ସେ ହେଉଛି ପ୍ରକୃତ ବନ୍ଧୁ। ଏହି ଉକ୍ତି ଆଜି ସତ୍ୟରେ ପରିଣତ ହୋଇଛି। ଏହିଭଳି ଏକ ବନ୍ଧୁତାର ପରିଚୟ ଦେଇଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଶରତ କୁମାର ଦେବ ହାଇସ୍କୁଲର ୧୯୯୦ ବ୍ୟାଚର ଛାତ୍ରୀଛାତ୍ର। ଏହି ବ୍ୟାଚରେ ପାଠ ପଢୁଥିବା ଦେମାଳ ପଞ୍ଚାୟତର ଲୋକାପଡ଼ା ଗାଁର ଗଜେନ୍ଦ୍ର ସିଂଙ୍କ ଗତ ୪ ତାରିଖରେ ମୃତ୍ୟୁ ହୋଇଥିଲା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଆଳି ନୂଆବଜାରରେ ସେ ଏକ ଅଣ୍ଡା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ରୋଜଗାରରେ ପରିବାରରେ ସ୍ତ୍ରୀ, ପୁଅ ଓ ଝିଅ ଚଳୁଥିଲେ। ତାଙ୍କ ବିୟୋଗ ପରେ ପରିବାରକୁ ସହଯୋଗ ନିମନ୍ତେ ସାଙ୍ଗମାନେ ଚିନ୍ତା କରି ଅର୍ଥ ଆଦାୟ କରିଥିଲେ। ଏହି ବ୍ୟାଚ୍‌ର ସଦସ୍ୟମାନଙ୍କ ପକ୍ଷରୁ ଆଦାୟ ହୋଇଥିବା ୪୧ ହଜାର ୫ ଶହ ଟଙ୍କା ପରିବାରକୁ ପ୍ରଦାନ କରାଯାଇଥିଲା। ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ଏହି କାର୍ଯ୍ୟ ନିଶ୍ଚିତ ଭାବେ ଆଗାମୀ ପିଢ଼ିଙ୍କ ପାଇଁ ଦିଗ୍‌ଦର୍ଶନ ସାଜିବ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ଲୋକଙ୍କ ସମସ୍ୟାକୁ ଆପ୍ ସମାଧାନ କରିବ

କେନ୍ଦ୍ରାପଡ଼ା ଅଫିସ, ୧୮।୮

ଓଡ଼ିଶା ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, କୃଷି, ମହିଳା ସଶକ୍ତୀକରଣ ଓ ଆଦିବାସୀ ସମାଜର ଉନ୍ନତି ଆଦି ସମସ୍ୟା ବଢ଼ିଚାଲିଛି। ଏହି ସମସ୍ୟା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମାଧାନ କରିବ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍‌ରିୱାଲଙ୍କ ଏହି ବାର୍ତ୍ତା ପ୍ରଦାନ ପାଇଁ ଆସନ୍ତା ୨୧ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ରାଜ୍ୟ ପ୍ରଭାରୀ ବୀରେନ୍ଦ୍ର ସିଂ କାଦିଆନଙ୍କ ନେତୃତ୍ୱରେ ଏକ ରାଜ୍ୟ ସମ୍ମିଳନୀ ହେବ। ଏହି ମର୍ମରେ କେନ୍ଦ୍ରାପଡ଼ା ଜିଲା ସଭାପତି ସନ୍ଦୀପ୍ତ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ନଗର ସଭାପତି ଅବଦୁଲ କାହିର ପ୍ରମୁଖ ସହରର ଶାମଗୁଡିଆସ୍ଥିତ ଆପ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ, ରାଜ୍ୟରେ ୨୨ ବର୍ଷ ଧରି ବିଜେଡି ଶାସନ ଦାୟିତ୍ୱରେ ଅଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ ନଦୀବନ୍ଧ ସୁଦୃଢ଼ୀକରଣ ହୋଇ ନ ଥିବାରୁ ପ୍ରାୟ ୨୦ ହଜାର ଲୋକ ବନ୍ୟାଘେରରେ ଅଛନ୍ତି। ପାନୀୟ ଜଳ ସଙ୍କଟ ଲାଗିରହିଥିବା ବେଳେ ଶିକ୍ଷା ପ୍ରଦାନକୁ ଏଠାରେ ଗୁରୁତ୍ୱ ଦିଆଯାଉନାହିଁ। ଏହାର ମୁକାବିଲା ପାଇଁ ଆପ୍‌ର ରଣନୀତି ପ୍ରସ୍ତୁତ ହୋଇଥିବା ସେମାନେ ପ୍ରକାଶ କରିଛନ୍ତି।


ଆପ୍ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ବନ୍ୟାବିପନ୍ନ ଲୋକଙ୍କୁ ଷ୍ଟେଟ ବ୍ୟାଙ୍କର ସହାୟତା

ପଟ୍ଟାମୁଣ୍ଡାଇ, ୧୮।୮(ସ୍ୱ.ପ୍ର.)

ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକ ବନ୍ୟାପ୍ଲାବିତ ଅଞ୍ଚଳର ବିପନ୍ନ ଲୋକମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଯାଜପୁର ଜୋନାଲ ଅଫିସ ନିର୍ଦ୍ଦେଶରେ କେନ୍ଦ୍ରାପଡ଼ା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମଚାରୀମାନେ ଡଙ୍ଗା ଯୋଗେ ବନ୍ୟା ବିପନ୍ନ ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତ ଦଶମାଣକୁଳା ଗାଁରେ ପହଞ୍ଚିଥିଲେ। ସେଠାରେ ବନ୍ୟା ବିପନ୍ନ ଲୋକମାନଙ୍କୁ ଚୁଡା, ଗୁଡ଼, ଦିଆସିଲି, ପିଇବା ପାଣି ଓ ମହମବତି ଆଦି ବିତରଣ କରିଥିଲେ।

## ଡେରାବିଶରେ ମିଶନ ଶକ୍ତି ପକ୍ଷରୁ କାଫେ ଉଦ୍‌ଘାଟିତ

ଡେରାବିଶ,୧୮।୮(ସ୍ୱ.ପ୍ର.): ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନାମାନ ପ୍ରସ୍ତୁତ ହୋଇଛି। ଏହିକ୍ରମରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ଲକ ଫେଡେରେଶନ୍ ସହାୟତାରେ ଏକ କାଫେକୁ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ପ୍ରଭାତୀ ମଲ୍ଲିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ବିଡିଓ ନମିତା ବାରିକ, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜ କିଶୋର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମିଶନ ଶକ୍ତିର ସଂଯୋଜକ କୈଳାସ ଚନ୍ଦ୍ର ବାରିକ ମହିଳାଙ୍କ ଦ୍ୱାରା ଖୋଲା ଯାଇଥିବା କାଫେରେ ସୁସ୍ୱାଦୁ ଭୋଜନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ରତ୍ନମଞ୍ଜରୀ ବାରିକ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ପ୍ରଣତୀ ଜେନା, ସମ୍ପାଦିକା ମନୋରମା ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ କିଭଳି ଆତ୍ମ ନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ମତ ରଖିଥିଲେ। ତେବେ ଏହି କାଫେରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ପ୍ରଶିକ୍ଷିକା ଭାବେ ପୁଷ୍ପାରାଣୀ ସାହୁ, ସତ୍ୟଭାମା ସାହୁ ଓ ଲିନୁ ବେହେରା ନିଯୁକ୍ତି ପାଇଛନ୍ତି। ଏଥିରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ମହାସଂଘର ସମ୍ପାଦିକା, ସଭାନେତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ଉପସ୍ଥିତ ଥିଲେ।

## ଉପବାସରେ ହରିଶ ମହାପୁରୁଷପଡ଼ାର ୧୫ ପରିବାର

ପ୍ରଶାସନ ଦୃଷ୍ଟି ଆଢୁଆଳରେ ଥିବା ବନ୍ୟା ପ୍ରପୀଡ଼ିତ
■ ପଡ଼ା ଗାଁକୁ ରାସ୍ତା ନାହିଁ
■ ମହାନଦୀ ଶାଖା ଗୁପ୍ତ ଗିରି ନଦୀ ଜଳସ୍ତର ବଢୁଛି
■ ଲୋକେ ବନ୍ୟା ଜଳ ବ୍ୟବହାର କରୁଛନ୍ତି

ମହାକାଳପଡ଼ା, ୧୮।୮ (ଡି.ଏନ୍.ଏ.)


ମହାକାଳପଡ଼ା ବ୍ଲକର ହରିଶ ମହାପୁରୁଷପଡ଼ାକୁ ରାସ୍ତା ନ ଥିବାରୁ ଲୋକମାନେ ବନ୍ୟା ପାଣିରେ ପଶି ଯାଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀରେ ପ୍ରବାହିତ ହେଉଛି ବନ୍ୟାଜଳ। ଏହି ବନ୍ୟାଜଳ ପ୍ରଭାବରେ ବ୍ଲକର ମହାନଦୀ ଶାଖା ଗୁପ୍ତଗିରି ନଦୀପାର୍ଶ୍ୱ ପେଟଛଲା ପଞ୍ଚାୟତ ପଲ୍ଲୀଗଡ଼ ଗାଁ ନିକଟ ହରିଶ ମହାପୁରୁଷପଡ଼ାର ୧୫ ପରିବାରକୁ ଚାରିପାର୍ଶ୍ୱରୁ ଘେରି ରହିଛି ୪ ଫୁଟ୍‌ର ବନ୍ୟାଜଳ। ଏମାନେ ୪ଦିନ ହେବ ଭୋକ ଉପାସରେ ଦିନ କାଟୁଥିବା ଲୋକମାନେ କହିଛନ୍ତି। ପ୍ରଶାସନ କିମ୍ବା ପଞ୍ଚାୟତ ସ୍ତରରେ କେହି ପହଞ୍ଚି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ନ ଥିବା ବେଳେ ପାନୀୟ ଜଳ ନାହିଁ। ବୃଦ୍ଧା, ଶିଶୁ ଓ ମହିଳାମାନେ ବନ୍ୟାଜଳ ବ୍ୟବହାର କରିବା ଫଳରେ ଜ୍ୱର, ଝାଡ଼ା ହେଉଛି ବୋଲି ଅଭିଯୋଗ କରିଛନ୍ତି। ପଡ଼ାର ଶୁକଦେବ ବେହେରା, ହେମନ୍ତ ବେହେରା, ନକୁଳ ଗୋଛାୟତ, ଜଗବନ୍ଧୁ ଭୋଳ, ଦିଲୀପ ଦାସ, ଅଜୟ ଦାସ, ଚଗଲା ବେହେରା, ଅରୁଣ ବେହେରା ପ୍ରମୁଖ ଏହି ଅଭିଯୋଗ କହିଛନ୍ତି। ତେବେ ଏହି ପଡ଼ାରେ କିପରି ପ୍ରଶାସନ ପକ୍ଷରୁ ତଦନ୍ତ ପରିସରଭୁକ୍ତ ନ ହେବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ପ୍ରଭାବିତ ପରିବାରକୁ ରିଲିଫ୍ ଯୋଗାଇ ଦେବା ସହ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ପଡ଼ା ଲୋକମାନେ ବନ୍ୟା ଜଳ ପିଉଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ବନ୍ୟା ପରେ ଝାଡ଼ାବାନ୍ତି ଆଶଙ୍କା ରହିଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବାଶିଷ ରାଉତଙ୍କୁ ପଚାରିବାରେ ଏହି ପେଟଛେଲା ପଞ୍ଚାୟତ ଚଳିତ ବନ୍ୟା ପ୍ରଭାବିତ ଅଞ୍ଚଳ ବୋଲି ସରକାରୀ ତାଲିକାରେ ନାହିଁ ବୋଲି ସେ କହିଛନ୍ତି।

**ଜିଲାପାଳଙ୍କ ଦେବୀନଦୀ ବନ୍ଧ ପରିଦର୍ଶନ**

ନାଉଗାଁ,(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟ୍ୱାରୀ ଗୁରୁବାର ନାଉଗାଁ ବ୍ଲକ ଗସ୍ତରେ ଆସି ଦେବୀନଦୀର ବନ୍ଧ ବୁଲି ଦେଖିଛନ୍ତି। ଏହି ଅବସରରେ ସେ ତୁମ୍ଭେଶ୍ୱର, ବଛାଲୋ, ଅଙ୍ଗେଶ୍ୱରପଡା ଆଦି ସ୍ଥାନରେ ନଦୀ ବନ୍ଧ ଦେଖିବା ସହ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ.କଳ୍ପନା, କନିଷ୍ଠ ଯନ୍ତ୍ରୀ ଶାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୦ ପର୍ଯ୍ୟନ୍ତ ୪୦ ସ୍କୁଲ ବନ୍ଦ

ଜଗତ୍‌ସିଂହପୁର ଅଫିସ,୧୮।୮: ଜଗତ୍‌ସିଂହପୁର ଜିଲାର ୪୦ ବିଦ୍ୟାଳୟ ଅଗଷ୍ଟ ୨୦ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲାପାଳ ଘୋଷଣା କରିଛନ୍ତି। ସେଥିମଧ୍ୟରେ ବାଲିକୁଦା ବ୍ଲକର ୬, ବିରିଡି ୩, ଏରସମା ୧, କୁଜଙ୍ଗ ୨୩, ନାଉଗାଁ ୧, ରଘୁନାଥପୁର ୩ ଏବଂ ତିର୍ତ୍ତୋଲ ବ୍ଲକର ୩ ବିଦ୍ୟାଳୟ ରହିଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଉପରୋକ୍ତ ବିଦ୍ୟାଗୁଡ଼ିକୁ ବନ୍ଦ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି।

### ଜାଲରେ ପଡ଼ିଲା ୭ ଫୁଟର ଅଜଗର



ଏରସମା,୧୮।୮(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ଗ୍ରାମରୁ ଗୁରୁବାର ଏକ ୭ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଏହି ଗ୍ରାମର ବିମଳ ଜେନାଙ୍କ ଘର ଚାରିପଟେ ଘେରା ଯାଇଥିବା ଜାଲରେ ଏକ ଅଜଗର ସାପ ଛନ୍ଦି ହୋଇଯାଇଥିଲା। ସକାଳେ ଏ ଖବର ପ୍ରଚାରିତ ହେବା ପରେ ଅଜଗରକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ହାୱାଖାନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ନେଇ ନିକଟସ୍ଥ ଆକାଶ ଡିଆଁ ଜଙ୍ଗଲରେ ଛାଡ଼ି ଥିଲେ।

### ବନ୍ୟା ବିପନ୍ନଙ୍କୁ ଏମ୍‌ପି ଭେଟି ଶାଢ଼ି ବାଣ୍ଟିଲେ

ବିରିଡି,୧୮।୮(ଡି.ଏନ୍.ଏ.) : ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଗୁରୁବାର ସନ୍ଧ୍ୟାରେ ବିରିଡି ବ୍ଲକ ଅନ୍ତର୍ଗତ ଉତ୍ତରଶାସନ ପଞ୍ଚାୟତର ନଦୀ କୂଳରେ ବସବାସ କରୁଥିବା ସାମଲସାହିର ବନ୍ୟା ବିପନ୍ନମାନଙ୍କୁ ଭେଟିଛନ୍ତି। ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ସରପଞ୍ଚ ସୁରେନ୍ଦ୍ର ଶତପଥୀ, ସମିତି ସଭ୍ୟ ସବ୍ୟସାଚି ଶତପଥୀ, ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ବିଜେଡି ସଙ୍ଗଠକ ଦେବୀ ପ୍ରସାଦ ତ୍ରିପାଠୀଙ୍କ ସହ ଆଲୋଚନା କରି ବିପନ୍ନଙ୍କ ସମସ୍ୟା ବୁଝିଥିଲେ। ପରେ ସାମଲସାହିକୁ ଯାଇ ସେଠାରେ ଥିବା ୩୦ ପରିବାରକୁ ଇଫ୍‌କୋ ସହାୟତାରେ ୬୩ ଖଣ୍ଡ ଶାଢ଼ି, ୩୩ ଖଣ୍ଡ ଲୁଙ୍ଗି, ବିସ୍କୁଟ ଆଦି ବଣ୍ଟନ କରିଥିଲେ। ତାଙ୍କ ସହ ଇଫ୍‌କୋର ପିଆରଓ ପ୍ରସନ୍ନ ବେଉରା, ନେତ୍ରାନନ୍ଦ ପାତ୍ର, ଅକ୍ଷୟ ବ୍ରହ୍ମା, ଦିବାକର ସାହୁ ଆଦି ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ବନ୍ୟା ବିପନ୍ନ ୩୫ ପରିବାରକୁ ପଲିଥିନ ବଣ୍ଟନ

ବିରିଡି,୧୮।୮(ଡି.ଏନ.ଏ.) :ବିରିଡି ବ୍ଲକର ଦେବୀ ନଦୀ କୂଳରେ ବସବାସ କରୁଥିବା ଅଲିପଡା ଓ ଖରମଙ୍ଗା ଗାଁରେ ବନ୍ୟା ଜଳ ପ୍ରବେଶ କରିବା ଦ୍ୱାରା ୩୫ ପରିବାର ନଦୀ ବନ୍ଧ ଉପରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ବିରିଡି ତହସିଲ ପକ୍ଷରୁ ବୁଧବାର ରାତିରେ ପଲିଥିନ ବଣ୍ଟନ କରାଯାଇଛି। ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶଙ୍କ ଉଦ୍ୟମରେ ଉକୁନ୍ଦରା ସରପଞ୍ଚ ସରୋଜିନୀ ବାରିକ, ସମିତି ସଭ୍ୟା ପ୍ରଜ୍ଞା ପରିମିତା ଜେନା, ତହସିଲଦାର ସହଦେବ ସାହୁ, ଅତିରିକ୍ତ ତହସିଲଦାର ଅଭୟ ପ୍ରତିହାରୀ, କଲ୍ୟାଣ କୁମାର ବାରିକ, ତାପସ କୁମାର ଜେନାଙ୍କ ସହ ପୋଲିସ ଉପସ୍ଥିତିରେ ବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯାଇଥିଲା।

### ୧୨ ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ

ନାଉଗାଁ,୧୮।୮(ସ୍ୱ.ପ୍ର.): ଲଘୁଚାପ ଜନିତ ବର୍ଷା ଓ ଦେବୀ ନଦୀରେ ବନ୍ୟା ଆସିବା ଫଳରେ ନାଉଗାଁ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଓ ବର୍ଷା ପାଣି ପ୍ରବାହିତ ହେଉଛି। ପାଣିରେ ଅନେକ ସ୍ଥାନରେ ସବ୍‌ଷ୍ଟେଶନକୁ ପାଣି ଲାଗିବା ସହ ବିଦ୍ୟୁତ୍ ତାର ପାଣି ସଂସ୍ପର୍ଶରେ ଆସୁଛି। ବିଶେଷକରି ପାଣି ପଞ୍ଚାୟତ ଦ୍ୱାରା ପରିଚାଳିତ ଉଠା ଜଳସେଚନ ପଏଣ୍ଟଗୁଡିକ ନିକଟରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବାକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ବ୍ଲକର ଦେବୀନଦୀ ପାର୍ଶ୍ୱରେ ଥିବା ୧୨ରୁ ଉର୍ଦ୍ଧ୍ୱ ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିବା ଟାଟା ପାୱାରର ଲିଡ ମ୍ୟାନେଜର ଦୀପକ ଭୂୟାଁ ସୂଚନା ଦେଇଛନ୍ତି।

# ବନ୍ୟା ବିପନ୍ନଙ୍କୁ ମିଳୁନି ରିଲିଫ୍: ବଢୁଛି ଅସନ୍ତୋଷ

- ବର୍ଷାରେ ବିନା ପଲିଥିନରେ କଟୁଛି ଜୀବନ
- ପ୍ରଶାସନିକ ଅଧିକାରୀ, ରାଜନେତାଙ୍କ ଦେଖାନାହିଁ
- କେନ୍ଦ୍ରାଞ୍ଚଳ ଆରଡିସିଙ୍କ ବନ୍ୟା ସ୍ଥିତିର ଅନୁଧ୍ୟାନ

ଜଗତ୍‌ସିଂହପୁର ଅଫିସ,୧୮।୮

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଇକା ନଦୀର ବାଲିକଣି ଓ କାଠକୋଟ ନିକଟ ନଦୀବନ୍ଧରେ ଘାଇ ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ୪ଟି ପଞ୍ଚାୟତର ସହସ୍ରାଧିକ ଲୋକ ଜୀବନ ବଞ୍ଚାଇବା ପାଇଁ ଉଚ୍ଚ ସ୍ଥାନକୁ ଚାଲି ଯାଇଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ସମସ୍ତ ବିପନ୍ନଙ୍କୁ ରିଲିଫ, ପଲିଥିନ, ଔଷଧ ଓ ଗୋଖାଦ୍ୟ ଯୋଗାଇ ଦିଆଯାଇନାହିଁ। ଏଣେ ଝିପ୍‌ଝିପ୍ ବର୍ଷା ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ତିର୍ତ୍ତୋଲ ଓ କୁଜଙ୍ଗ ବନ୍ୟା ଅଞ୍ଚଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ବିପନ୍ନ ଲୋକମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ରବି ନାରାୟଣ ଦାସ, ସାଁପୁର ଗ୍ରାମର ସଞ୍ଜୟ କୁମାର ସାମଲ, ତପନ କୁମାର ଦାସ, ହଂସୁରାର ଓମ ପ୍ରକାଶ ଚୌଧୁରୀ, ହଂସୁରା, ଅନଳିପାଟଣା ଗ୍ରାମର ପ୍ରେମାନନ୍ଦ ମାଝି ଓ ବିଚିତ୍ରାନନ୍ଦ ଦାସ ପ୍ରମୁଖ କହିଛନ୍ତି, ବାଲିକଣି ନିକଟରେ ୩ଦିନ ପୂର୍ବରୁ ୩୦ ଫୁଟର ଘାଇ ହେଲାଣି। ବୁଧବାର କାଠକୋଟ ପାଖରେ ୫୦ ଫୁଟର ଘାଇ ହୋଇଛି। ଏଥିଯୋଗୁ ହଂସୁରା ପଞ୍ଚାୟତର ହଂସୁରା, ଅନଳିପାଟଣା, ସାଁପୁର, ଖୋସାଲପୁର ଓ ଶ୍ରୀଚନ୍ଦନପୁର ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ସେହିପରି କାଠକୋଟ ପଞ୍ଚାୟତର କାଠକୋଟ, ବାଣସର, ବାରମାଣିଆ, ଗୋବର୍ଦ୍ଧନପୁର ସମେତ



ହଂସୁରା ପଞ୍ଚାୟତର ଏକ ଗୃହରେ ବନ୍ୟା ଜଳ ପଶିଛି।



ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟ ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ବାଲିକଣି ପଞ୍ଚାୟତର ବଡବାଲିକଣି, ସାନ ବାଲିକଣି, ସରଣି, କାଳିକୁଦ, ଚୌଧୁରୀକୁଦ, ମାଧପୁର ଓ ଜିଲାନାସୀ ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଘର ଭିତରେ ବନ୍ୟା ଜଳ ଭରି ରହିଛି। ଏଥିଯୋଗୁ ଅଧିକାଂଶ କଚ୍ଚା ଘର ଭାଙ୍ଗି ଗଲାଣି। କେତେଜଣ ଲୋକ ରାସ୍ତା ଉପର ଏବଂ ସୁରକ୍ଷିତ ଥିବା କୋଠାରେ ଆଶ୍ରୟ ନେଇଛନ୍ତି। ହଂସୁରା ପଞ୍ଚାୟତର ବହୁ ଲୋକ ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପିଲାଛୁଆଙ୍କୁ ଧରି ଖୋଲା ଆକାଶ ତଳେ ବିପଦଜନକ ଅବସ୍ଥାରେ ପଡି ରହିଛନ୍ତି। ଜଳସ୍ତର ବଢୁଥିବାରୁ ଏହି ରାସ୍ତାର କିଛି ସ୍ଥାନରେ ପାଣି ମାଡ଼ିଗଲାଣି। ବର୍ଷା ସାଙ୍ଗକୁ ସବୁ ସ୍ଥାନରେ ରିଲିଫ ପହଞ୍ଚି ନ ଥିବାରୁ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଗୋରୁ ବାହାରେ ଭୋକିଲା ବୁଲୁଛନ୍ତି। ଏ ପରିସ୍ଥିତିରେ ସହାୟତା ତ ଦୂରର କଥା ସମବେଦନା ଜଣାଇବାକୁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ପକ୍ଷରୁ କେହି ଆସୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ବୁଧବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଗୁରୁବାର ଆରଡିସି ଦଳାଇ ଗସ୍ତରେ ଆସି ବନ୍ୟାଞ୍ଚଳ ପରିଦର୍ଶନ କରି ତଦାରଖ କରିଛନ୍ତି।

ଜିଲା ପ୍ରଶାସନ ସୂଚନା ଅନୁଯାୟୀ, ଆରଡିସି ଦଳାଇ ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ତିର୍ତ୍ତୋଲ ବ୍ଲକର କୋଲର ପଞ୍ଚାୟତ ଅନ୍ତର୍ଗତ ଗୋପିଆକୁଦ, ତିର୍ତ୍ତୋଲ ପଞ୍ଚାୟତର ଆଦିବାସୀପଡ଼ା ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଡଙ୍ଗା ଯୋଗେ ଗୋପିଆକୁଦ ଅଞ୍ଚଳରେ ପହଞ୍ଚି ଥିଲେ। ପରେ କୁଜଙ୍ଗ ବ୍ଲକର କାଠକୋଟ ଘାଇ ଅଞ୍ଚଳ ପରିଦର୍ଶନ କରିଥିଲେ। ସାମନ୍ତରାପୁର ଓ ଆମ୍ଭେରୀ ଗାଁ ବୁଲି ଦେଖିଥିଲେ। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କ ରହିବା, ଖାଇବା, ପାନୀୟ ଜଳ, ଔଷଧ ଆଦି ବନ୍ଦୋବସ୍ତ କରାଯାଇଥିବା କୁହାଯାଇଛି। ଯେଉଁ ଲୋକମାନେ ଏ ପର୍ଯ୍ୟନ୍ତ ଆଶ୍ରୟସ୍ଥଳକୁ ଯାଇନାହାନ୍ତି ସେମାନଙ୍କୁ ତୁରନ୍ତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳକୁ ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ଆରଡିସି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଜିରୋ କାଜୁଆଲିଟି ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଫସଲ କ୍ଷୟକ୍ଷତି, ଘରଭଙ୍ଗା ଆକଳନ କରାଯାଇ ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଦଳାଇ କହିଥିଲେ। ଆରଡିସିଙ୍କ ସହ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ତିର୍ତ୍ତୋଲ ବିଡିଓ ଅଟଳ ବିହାରୀ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର, କୁଜଙ୍ଗ ବ୍ଲକ ଅଧ୍ୟକ୍ଷ, ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ କିଶୋର କବି, ସଚିବ ସଭ୍ୟ ପ୍ରବୀର ରାୟ, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, କୋଲର ସରପଞ୍ଚ ଉମେଶ ବେହେରା ପ୍ରମୁଖ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।



ଜନ୍ମାଷ୍ଟମୀ ଉପଲକ୍ଷେ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର କୁନିକୁନି ପିଲାମାନେ ବିଭିନ୍ନ ବେଶ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

ଜଗତ୍‌ସିଂହପୁର ଅଫିସ, ୧୮।୮

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ଜଗତ୍‌ସିଂହପୁର ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଶିଶୁମାନେ ରାଧା, କୃଷ୍ଣ, ବଳରାମ, ସୁଦାମା ଆଦି ବେଶରେ ସୁସଜ୍ଜିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏହି ସମୟରେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ଗୁରୁଜୀଗୁରୁମା, କର୍ମଚାରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ୧୧୦ ଲିଟର ମଦ ଜବତ, ଜଣେ ଗିରଫ

ଜଗତ୍‌ସିଂହପୁର ଅଫିସ, ୧୮।୮

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ଗାଁରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସୁଶାନ୍ତ ପଲାଇ ଓରଫ ସଚିଆଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୭୧.୪୯୦ ଲିଟର ବିଦେଶୀ, ୨୪.୭୦୦ ଲିଟର ବିୟର ଓ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୫୯/୨୨) ରୁଜୁ ହୋଇଛି।

## ସ୍ଥାନାନ୍ତର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ମେଡିକାଲ ଟିମ୍

**ବନ୍ୟା ପୀଡିତଙ୍କ ସମସ୍ୟା ବୁଝିଲେ ବିଧାୟକ**

ରଘୁନାଥପୁର, ୧୮।୮(ଡି.ଏନ୍.ଏ.)

ମହାନଦୀରେ ଆସିଥିବା ବନ୍ୟାରେ ରଘୁନାଥପୁର ବ୍ଲକ ଅଞ୍ଚଳର ୩ ପଞ୍ଚାୟତର ନଦୀକୂଳିଆ ଲୋକେ ପ୍ରଭାବିତ ହୋଇଛନ୍ତି। ସେମାନେ ନିକଟସ୍ଥ ଅଙ୍ଗନୱାଡି ଓ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଗୁରୁବାର ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ସ୍ଥାନାନ୍ତର ହୋଇଥିବା ପରିବାରଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁବିଧା ଓ ଅସୁବିଧା ବୁଝିଛନ୍ତି। ବନ୍ୟାପାଣି ଘେରରେ ଥିବା ପୁରଣ ଓ ଆଦିବାସୀ ସାହିର ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ସେହିପରି ତାରପୁର ପଞ୍ଚାୟତ ଖଣ୍ଡତରି ଗ୍ରାମର ଗୋଟିଏ ପରିବାରର ୨୫ଜଣ ବ୍ୟକ୍ତି ନିକଟସ୍ଥ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ବିଧାୟକ ଦାସ ସେଠାରେ ପହଞ୍ଚି ସମସ୍ୟା ବୁଝିବା ସହ ବିସ୍କୁଟ ବଣ୍ଟନ କରିଥିଲେ। ଏହାଛଡା ଉକ୍ତ ପରିବାରର ଗୋରୁଙ୍କ ପାଇଁ ଖାଦ୍ୟ ଓ ତୁରନ୍ତ ପଲିଥିନ ଯୋଗାଇ ଦେବାକୁ ବିଧାୟକ ଦାସ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକଙ୍କଠାରୁ ସେମାନଙ୍କର ଖାଦ୍ୟପେୟ ବାବଦରେ ପଚାରି ଥିଲେ। ଏହି ଅବସରରେ ମେଡିକାଲ ଟିମ୍ ପକ୍ଷରୁ ଡା. ଅସୀମ ଅନୁପମ ସ୍ୱାଇଁ, ଡା. ବିଶ୍ୱଭୂଷଣ ଖୁଣ୍ଟିଆ, ଅସିତ କୁମାର ଦାଶଙ୍କ ସହ ମେଡିକାଲ କର୍ମଚାରୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ପରେ ବିଧାୟକ ଦାସ ଓ ମେଡିକାଲ ଟିମ୍ ଛପଡା ପଞ୍ଚାୟତରେ ସ୍ଥାନାନ୍ତର ହୋଇଥିବା ୨ ବ୍ୟକ୍ତିଙ୍କ ପାଖରେ ପହଞ୍ଚିଥିଲେ। ବନ୍ୟାପାଣି ନ ଛାଡିବା ପର୍ଯ୍ୟନ୍ତ ଉକ୍ତ ସ୍କୁଲରେ ଆଶ୍ରୟ ନେବାକୁ ବିଡିଓ ଲମ୍ବୋଦର ଖୁଣ୍ଟିଆ ସ୍ଥାନାନ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ ଓ ଏବିଡିଓ ଅଶୋକ ମହାନ୍ତି ଏଥିରେ ସାମିଲ ହୋଇଥିଲେ। ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ, ରୋଗୀ କଲ୍ୟାଣ ସମିତି ସଦସ୍ୟ ଅନ୍ତର୍ଯ୍ୟାମୀ ରାଉତ ଓ ଚନ୍ଦ୍ରଶେଖର ସିଂହ ସେଠାରେ ଉପସ୍ଥିତ ଥିଲେ।

## କାଠକୋଟରେ ଘାଇ :୨ ପଞ୍ଚାୟତ ପ୍ରଭାବିତ

ତିର୍ତ୍ତୋଲ,୧୮।୮(ଡି.ଏନ.ଏ.)

ପାଇକା ନଦୀ ବନ୍ଧର କୁଜଙ୍ଗର କାଠକୋଟରେ ସୃଷ୍ଟି ହୋଇଥିବା ଘାଇ ଯୋଗୁ ତିର୍ତ୍ତୋଲ ବ୍ଲକର କୋଲର ଓ ପୋରଗଦେଇ ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଛନ୍ତି। ଏଠାକାର ବିଭିନ୍ନ ଗ୍ରାମରେ ଗୁରୁବାର ବନ୍ୟାପାଣି ପ୍ରବେଶ କରିଛି। ଚାଷ ଜମି ସମ୍ପୂର୍ଣ୍ଣ ବୁଡ଼ି ଯାଇଛି। ଅପରାହ୍ନଠାରୁ ପୋରଗଦେଇ ପଞ୍ଚାୟତର ବଉଳାଙ୍ଗ, ମେଳକ, ରାଣିତୋଳା, ଗିରିମଠ ଆଦି ଗ୍ରାମର ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ପାଣି ପଶିବା ଆରମ୍ଭ କରିଛି। ରାତିରେ ଜଳସ୍ତର ବଢ଼ିବା ଆଶଙ୍କା ଥିବାରୁ ଲୋକମାନେ ଚିନ୍ତିତ ଅଛନ୍ତି। ଏ ନେଇ ପୋରଗଦେଇସ୍ଥିତ ବନ୍ୟା ଆଶ୍ରୟସ୍ଥଳକୁ ୨୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିଭଳି କୋଲର ପଞ୍ଚାୟତ ପକ୍ଷରୁ ବନ୍ୟା ଆଶ୍ରୟସ୍ଥଳରେ ୧୫୦ଜଣ ଲୋକଙ୍କୁ ଆଶ୍ରୟ ଦିଆଯାଇଛି। ତିର୍ତ୍ତୋଲରୁ କୋଲରକୁ ସଂଯୋଗ କରୁଥିବା ରାସ୍ତାରେ ଅପରାହ୍ନ ୪ଟା ପରଠାରୁ ବନ୍ୟାଜଳ ପ୍ରବାହିତ ହେଉଛି। ଏ ନେଇ ପ୍ରଶାସନ ପକ୍ଷରୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରଖାଯାଇଛି। ରାସ୍ତା ବିଚ୍ଛିନ୍ନ ହେବା ଆଶଙ୍କାରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦଳେଇଘାଇ ବନ୍ଧ କଡ଼ ବୁଦା ଦେଖି ବିଧାୟକ ବିରକ୍ତ

ବିରିଡି,୧୮।୮(ଡି.ଏନ.ଏ.)

ଓଡ଼ିଶାର ସର୍ବ ବୃହତ୍ତମ ଦଳେଇ ଘାଇକୁ ଗୁରୁବାର ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଅନୁଧ୍ୟାନ କରିବା ସହ ଉତ୍ତରଶାସନ ସାମଲସାହିର ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କର ସମସ୍ୟା ପଚାରି ବୁଝିଥିଲେ। ମଧ୍ୟାହ୍ନରେ ବିଧାୟକ ଦାସ ଦଳେଇଘାଇ ଗଜ ନିକଟରେ ପହଞ୍ଚି ବନ୍ୟାଜଳ ସ୍ଥିତି ଦେଖିଥିଲେ। ସେଠାରେ ନିୟୋଜିତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ବେହେରାଙ୍କୁ ପଚାରି ବନ୍ୟା ସମ୍ପର୍କରେ ବୁଝିଥିଲେ। ଦଳେଇ ଘାଇ ବନ୍ଧ କଡରେ ସୃଷ୍ଟି ହୋଇଥିବା ବୁଦାକୁ ଦେଖି ବିରକ୍ତି ପ୍ରକାଶ କରିଥିଲେ। ଯଦି କୌଣସି ସ୍ଥାନରେ ଘଳିଆ ପଡେ ତେବେ ବୁଦା ଯୋଗୁ ଠିକ ଜାଗା ନିର୍ଣ୍ଣୟ କରି ହେବନାହିଁ ବୋଲି କହିଥିଲେ। ତେବେ ସେଗୁଡିକ ବର୍ଷା ପୂର୍ବରୁ ସଫା ହେବାର ଥିଲା ବୋଲି ଯନ୍ତ୍ରୀଙ୍କ ସହ କଥା ହୋଇଥିଲେ। ତାଙ୍କ ସହ ଜଲା ପରିଷଦ ସଭ୍ୟା ଦିପ୍ତୀମୟୀ ରାୟ, ଆମ୍ବାର ଅଧ୍ୟକ୍ଷ ରବି ନାରାୟଣ ଜେନା, ପ୍ରତାପ ବେହେରା, ପବିତ୍ର ପଶାୟତ, ପ୍ରଦିପ୍ତ ଭୂୟାଁ, ତୃପ୍ତି ରଞ୍ଜନ ରାୟ, ମିର ଆଜମିର ଅଲ୍ଲୀ, ଦିବାକର ସାହୁ, ସୁଶାନ୍ତ ସାହୁ ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଗୁରୁବାର ୪ଟା ସୁଦ୍ଧା ଦଳେଇଘାଇରେ ବନ୍ୟା ଜଳ ହ୍ରାସ ପାଇ ୫୭ ଫୁଟ ୪୦ ସେ.ମି. ରହିଥିବା ଦେଖାଯାଇଥିଲା।



ଦଳେଇ ଘାଇରେ ବିଧାୟକ ବିଜୟଶଙ୍କର ଦାସ ଓ ଅନ୍ୟମାନେ।

## କୁଜଙ୍ଗ ଧୋୟାଞ୍ଚଳର ୩୪ ଗାଁ ଜଳବନ୍ଦୀ

- ଜିଲାପାଳଙ୍କ ବନ୍ୟା ସ୍ଥିତି ସମୀକ୍ଷା
- ଇଫ୍‌କୋ, ପିପିଏଲ୍ ପକ୍ଷରୁ ରିଲିଫ୍ ପ୍ରଦାନ

କୁଜଙ୍ଗ,୧୮।୮(ଡି.ଏନ.ଏ.)

ମହାନଦୀରେ ବନ୍ୟା ଯୋଗୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୪ ଦିନ ହେବ ଏହି ଅଞ୍ଚଳର ୩୪ ଗାଁର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଏଥିଯୋଗୁ ଏଠାରେ ବସବାସ କରୁଥିବା ପ୍ରାୟ ୧୫ ହଜାର ଲୋକ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୫,୫୦୦ ଗୋରୁ ଓ ୧୫୦୦ ଛେଳି, ମେଣ୍ଢା ଖାଦ୍ୟ ପାଉନାହାନ୍ତି। ଗୁରୁବାର ସନ୍ଧ୍ୟାରେ ଜିଲାପାଳ ପାରୁଲ ପଟୱାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବନ୍ୟା ସ୍ଥିତି ଓ ରିଲିଫ ବଣ୍ଟନ ଉପରେ ସମୀକ୍ଷା କରିଛନ୍ତି। ଏହା ପୂର୍ବରୁ ସେ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ସାଇଲୋ ପଞ୍ଚାୟତ ଗସ୍ତ କରି ବନ୍ୟାଞ୍ଚଳ ବୁଲି ଦେଖିଥିଲେ। ପରେ ଆୟୋଜିତ ସମୀକ୍ଷା ବୈଠକରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟା ଜଳର ପ୍ରଭାବ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିବ ବୋଲି ଏବିଡିଓ ଜ୍ଞାନଦା ରାୟ କହିଛନ୍ତି। ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ବିଡିଓ ସୌମଶ୍ରୀ ପାଣିଗ୍ରାହୀ ପାରାଦୀପର ଇଫ୍‌କୋ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ. ପଟେଲ ଓ ପିପିଏଲ୍‌ର ଜେନେରାଲ ମ୍ୟାନେଜର ଜଗନ୍ନାଥ ଖୁଣ୍ଟିଆଙ୍କୁ ଅନୁରୋଧ କରିଥିଲେ। ଏହା ପରେ ଇଫ୍‌କୋ ପକ୍ଷରୁ ୧୫ କୁଇଣ୍ଟାଲ ଚୁଡ଼ା ଓ ଗୁଡ଼ ସହ ୩୦ ପେଟି ବିସ୍କୁଟ, ୫୦୦ ପ୍ୟାକେଟ କ୍ୟାଣ୍ଡେଲ ଓ ଦିଆସିଲି ପ୍ରଦାନ କରାଯାଇଛି। ସେହିପରି ପିପିଏଲ ପକ୍ଷରୁ ୧୫ କୁଇଣ୍ଟାଲ ଚୁଡା, ୩ କୁଇଣ୍ଟାଲ ଗୁଡ଼, ୩୦ପେଟି ବିସ୍କୁଟ ଯୋଗାଇ ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେଗୁଡ଼ିକୁ ବଣ୍ଟନ କରାଯାଇଛି। ବୁଧବାର ପ୍ରଶାସନ ପକ୍ଷରୁ ୩୮ କୁଇଣ୍ଟାଲ ଗୋଖାଦ୍ୟ ବଣ୍ଟନ କରାଯାଇଥିବାବେଳେ ଗୁରୁବାର ଆଉ ୨୩ ଟନ ଗୋଖାଦ୍ୟ ଆସି ପହଞ୍ଚିଛି। କୁଜଙ୍ଗ ତହସିଲ ପକ୍ଷରୁ ଏ ପର୍ଯ୍ୟନ୍ତ ୨,୨୦୧ ଜରିପାଲ ବଣ୍ଟନ କରାଯାଇଥିବାବେଳେ ଆଉ ୨,୨୫୦ ଜରିପାଲ ଆସି ପହଞ୍ଚିଛି। ଓସ୍‌ଡମା ପକ୍ଷରୁ ୧୬ ଆସ୍କା ଲାଇଟ ଆସିଥିବା ବେଳେ ସେଥିରୁ ଅନେକ ଅଚଳ ଥିବା ଜଣାପଡିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଜପା ନେତା ସମ୍ପଦ ସ୍ୱାଇଁ କର୍ମୀମାନଙ୍କୁ ନେଇ ଉକ୍ତ ଅଞ୍ଚଳରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଅପରପକ୍ଷେ ସରପଞ୍ଚ ବନ୍ଦିତା ଦାସ ଓ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ଭଣ୍ଡୁଆ ଗାଁର ୬୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି।



ଜିଲାପାଳ ପାରୁଲ ପଟୱାରି ଓ ବିଧାୟକ ସମ୍ବିତ ରାଉତରାୟ ସାଇଲୋ ପଞ୍ଚାୟତରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଘୁଷୁରି ପଲ ଉଜାଡୁଛନ୍ତି ଫସଲ

ଧର୍ମଶାଳା,୧୮।୮(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତରେ ଘୁଷୁରି ପଲ ସ୍ଥାନୀୟ କାଜୁ ବଗିଚାରେ ରହି ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଗତବର୍ଷ ବନ୍ୟାରେ ୪ଟି ଘୁଷୁରି ଭାସିଆସି ଉତ୍ତରପ୍ରତାପ ଗ୍ରାମସ୍ଥିତ କାଜୁ ବଗିଚାରେ ରହି ବଂଶବୃଦ୍ଧି କରିଛନ୍ତି। ଏହି ଘୁଷୁରିପଲ ସ୍ଥାନୀୟ ଅଞ୍ଚଳରେ ଧାନ, ବାଦମ, ଆଳୁ, ସାରୁ କ୍ଷେତରେ ପସି ଫସଲ ନଷ୍ଟ କରୁଛନ୍ତି। ଏନେଇ ଗ୍ରାମବାସୀ ବନବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବନବିଭାଗ କର୍ମଚାରୀ ଏଠାରେ ଥିବା ଘୁଷୁରିଙ୍କୁ ଧରି ଜଙ୍ଗଲରେ ଛାଡ଼ିବା ପାଇଁ ଗ୍ରାମର ଶତାଧିକ ଚାଷୀ ଦାବି କରିଛନ୍ତି। ତେବେ ଏଥିରେ ବ୍ୟତିକ୍ରମ ହେଲେ ଆଗାମୀ ଦିନରେ ଚାଷୀ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି କୃଷକ ନେତା ସଞ୍ଜୟ ରାଉତ ଚେତାବନୀ ଦେଇଛନ୍ତି।

### ବାଲି ବୋଝେଇ ଗାଡ଼ି ଜବତ, ଜରିମାନା ଆଦାୟ

ଧର୍ମଶାଳା,୧୮।୮(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟରୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟିପ୍ପର ଗାଡ଼ିକୁ ଜବତ କରାଯାଇ ଜରିମାନା ଆଦାୟ କରାଯାଇଛି। ଓଡି-୦୪-ଡି-୪୦୧୫ନଂ. ବିଶିଷ୍ଟ ଗାଡ଼ିଟି ଗୁରୁବାର ବାଲି ବୋଝେଇ କରି ଯାଉଥିବା ବେଳେ ବଳରାମପୁର ଆର୍‌ଆଇ ଚନ୍ଦନ କୁମାର ସାହୁ ଚଢ଼ାଉ କରି ଗାଡିକୁ ଜବତ କରିଥିଲେ। ଉକ୍ତ ଗାଡ଼ିରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡ଼ିଥିବା ଜଣାପଡ଼ିଛି।

### ନିଲାମ ହେଲା ପାଣିକୋଇଲି ଥାନାର ୩୮ ଗାଡ଼ି

ପାଣିକୋଇଲି,୧୮।୮(ଡି.ଏନ.ଏ.): ପାଣିକୋଇଲି ଥାନାର ପରିତ୍ୟକ୍ତ ଓ ଦାବିଦାର ନ ଥିବା ୩୮ ଗାଡ଼ିକୁ ଯାଜପୁର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ନିଲାମ କରାଯାଇଛି। ଏହି ନିଲାମ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଏଠାରେ ନିଲାମଧାରୀଙ୍କ ଅପକ୍ଷୋ



ଦର୍ଶକଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ଆବଶ୍ୟକତାଠାରୁ ମଧ୍ୟ ଅଧିକ ଦାମରେ ଗାଡ଼ି ନିଲାମ ହୋଇଥିଲା। ମୋଟ୍ ୪ ଲକ୍ଷ ୧୬ ହଜାର ୭ଶହ ଟଙ୍କା ନିଲାମରୁ ସଂଗ୍ରହ କରାଯାଇଛି। ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଲାମ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ବାରିକ, ଡିଏସ୍‌ପି ପ୍ରମୋଦ ମଲ୍ଲିକ, ଏମଭିଆଇ ଦୀପକ ସେଠୀ ଓ ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ।

# କମୁଛି ବନ୍ୟାପାଣି, ବଢୁଛି ଦୁର୍ଦ୍ଦଶା



ବନ୍ୟା ପାଣିରେ ପଶି ଧରମପୁର ଗାଁର ଜଣେ ବାଳିକା ଆସୁଛନ୍ତି।



କାଣୀ ନଦୀ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ଯାଜପୁର ଅଫିସ/ଝୁମ୍ପୁରୀ (ଡି.ଏନ.ଏ.),୧୮।୮

- ରାହା ଖୋଜୁଛନ୍ତି ବନ୍ୟା ବିପନ୍ନ
- ଘାଇ ମରାମତି କାମ ଆରମ୍ଭ

ବୈତରଣୀ ନଦୀର ଜଳ ପତ୍ତନ ହ୍ରାସ ହେବା ପରେ ଯାଜପୁର ଜିଲା ଦଶରଥପୁର ବ୍ଲକରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି। ଏହାସହ ଜଳସମ୍ପଦ ବିଭାଗ ପକ୍ଷରୁ କାଣୀ ନଦୀର ବ୍ରହ୍ମଚାରୀପାଟଣା ଗ୍ରାମଠାରେ ସୃଷ୍ଟି ହୋଇଥିବା ଘାଇର ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି।

ବନ୍ୟା ଯୋଗୁ ବାସହରା ହୋଇ ରିଲିଫ କେନ୍ଦ୍ର, ପଡୋଶୀ, ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଥିବା ବନ୍ୟା ବିପନ୍ନମାନେ ମୁଣ୍ଡ ଗୁଞ୍ଜିବାକୁ ରାହା ଖୋଜୁଛନ୍ତି। କେତେଜଣ ରାସ୍ତା ଏବଂ ବନ୍ଧ ଉପରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ବନ୍ୟାରେ ହଜି ଯାଇଥିବା ସାମଗ୍ରୀକୁ ଖୋଜୁଛନ୍ତି। ମାଟିଘରକୁ ସଜାଡିବାକୁ ଚେଷ୍ଟା କରୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢି ଯାଇଛି। ଯେଉଁଘର ବନ୍ୟା ପାଣିରେ ଭିଜି ଠିଆ ହୋଇଛି ସେହିସବୁ ମଧ ବିପଦାପନ୍ନ ହୋଇଛି। କେତେବେଳେ ପଡିଯିବ ତାର ଠିକଣା ନାହିଁ। ଆଗାମୀ ଦିନରେ କେମିତି ରହିବା, ପିଲାଛୁଆଙ୍କୁ ଓ ବନ୍ୟା ପୂର୍ବରୁ ଉଦ୍ଧାର କରିଥିବା ଘର ସାମଗ୍ରୀକୁ କେଉଁଠି ରଖିବା ଆଦି ଚିନ୍ତାରେ ସେମାନେ ବ୍ୟସ୍ତ। ନିଜ କଷ୍ଟ ଉପାର୍ଜିତ ଖାଦ୍ୟ ସାମଗ୍ରୀ ସହ ଘରକରଣା ସାମଗ୍ରୀ ବନ୍ୟା ଜଳରେ ନଷ୍ଟ ହୋଇଯାଇଛି। ସ୍ୱଳ୍ପବୃଷ୍ଟିପାତରେ ଯାହା କିଛି ଚାଷ କାମ ଆଗେଇ ଥିଲା ତାହା ବନ୍ୟାପାଣିରେ ଜଳମଗ୍ନ ହୋଇଛି। ଏଥିରେ ବନ୍ୟା ବିପନ୍ନମାନେ ଭାଙ୍ଗି ପଡିଛନ୍ତି। ଏହାସହ କସପା ପଞ୍ଚାୟତର କେତେକ ଗ୍ରାମକୁ ଯୋଗାଯୋଗ ସମ୍ଭବପର ହୋଇଛି। ପ୍ରଶାସନ ତରଫରୁ କସପା ପଞ୍ଚାୟତର ସମସ୍ତ ଗ୍ରାମକୁ ରିଲିଫ୍ ସାମଗ୍ରୀ ପଠାଯାଇଥିବାର କୁହାଯାଉଥିଲେ ମଧ ବିଭିନ୍ନ ସ୍ଥାନରେ ସୁଷମ ବଣ୍ଟନ ହୋଇ ନ ଥିବାର ଅଭିଯୋଗ ହେଉଛି।

ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଧନେଶ୍ୱର ସାମଲ, ଏସ୍‌ସି ଶରତଚନ୍ଦ୍ର ଘଡାଇ, ଏସ୍‌ଡିଓ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଷଡ଼ଙ୍ଗୀ ପ୍ରମୁଖ ଘାଇ ହୋଇଥିବା ସ୍ଥାନରେ ଉପସ୍ଥିତ ରହି ଘାଇ ମରାମତିର ତଦାରଖ କରିଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଗୁରୁବାର କସପା, ଦୁଦୁରାଅଣ୍ଟା, ମଲ୍ଲିକାପୁର ଆଦି ପଞ୍ଚାୟତକୁ ପରିଦର୍ଶନ କରିବା ସହିତ ବୈତରଣୀ ଓ କାଣୀ ନଦୀର ବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରପକ୍ଷରେ ବୈତରଣୀ ନଦୀର ମୂକୁଳା ମୁହାଣଦେଇ ବନ୍ୟାଜଳ କୟାଁ ପଞ୍ଚାୟତର ଧରମପୁର ଓ ଗହିରାପାଳ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାର ଦେଖାଯାଇଛି। ବନ୍ୟାଜଳ ଗ୍ରାମର ବିଭିନ୍ନ ସାହୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକ ଭରିରହିଛି। ଧରମପୁର ଓ ଗହିରାପାଳ ଗ୍ରାମର ଗୃହପାଳିତ ପଶୁଙ୍କୁ ପେଟା ନଦୀ ପୋଲ ଓ ମୁଖ୍ୟ ରାସ୍ତାର ଶୁଖିଲା ସ୍ଥାନରେ ବନ୍ଧା ଯାଇଛି। ପ୍ରଶାସନ ତରଫରୁ ବ୍ଲକର ୧୧ ପଞ୍ଚାୟତର ୩୩ ଗ୍ରାମର ୧୩୬୬୫ ଗ୍ରାମ ପ୍ରଭବିତ ହୋଇଥିବା କୁହାଯାଉଥିବାବେଳେ ବାସ୍ତବତା କିନ୍ତୁ ତା'ଠାରୁ ଢେର ବେଶି ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏଥିସହ ୩୫୭୧ ହେକ୍ଟର କ୍ଷତିଗ୍ରସ୍ତ ହୋଇଯାଇଛି। ଏଥିରେ ଧାନ, ଡାଲିଜାତୀୟ ଫସଲ ଓ ପନିପରିବା ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଛି। ନିତ୍ୟସାମଗ୍ରୀ ବନ୍ୟାଜଳରେ ନଷ୍ଟ ହୋଇଯାଇଥିବାବେଳେ ଅତ୍ୟାବଶ୍ୟକ କପଡା ଖଣ୍ଡେ ପାଇବାକୁ ବିପନ୍ନମାନେ ଅନୁରୋଧ କରୁଥିଲେ ସୁଦ୍ଧା ପ୍ରଶାସନର ଚିନ୍ତା ନାହିଁ। ବନ୍ୟାଜଳ ହ୍ରାସ ପାଇଥିଲେ ସୁଦ୍ଧା ଜିଲାର ସମସ୍ତ ଅଞ୍ଚଳକୁ ମେଡିକାଲ ଟିମ୍ ପହଞ୍ଚି ପାରିନାହିଁ। ଫଳରେ ବନ୍ୟାଞ୍ଚଳରେ ଦୂଷିତପାଣି ପିଇ ବନ୍ୟା ବିପନ୍ନମାନେ ନାନା ସଂକ୍ରମିତ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ବନ୍ୟା ଦୁର୍ଗତଙ୍କ ଦୁଃଖ ଅପସରି ନ ଥିବାବେଳେ ଆଉ ଏକ ଲଘୁଚାପ ବର୍ଷା ଲୋକଙ୍କ ନିଦ ହଜେଇ ଦେଇଛି।

# ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

ଧର୍ମଶାଳା,୧୮।୮(ଡି.ଏନ.ଏ.)

ଯୁକ୍ତ ୨ କଲେଜରେ ନାମ ଲେଖାଇବା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକର ୮ ଯୁକ୍ତ ୨ କଲେଜ ମଧ୍ୟରୁ ଧର୍ମଶାଳା କଲେଜରେ କଳାରେ ସାଧାରଣବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୭୨.୬୭ କଟ୍‌ଅଫ୍ ମାର୍କ ରଖାଯାଇଥିବା ବେଳେ ବଜ୍ରଗିରି କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୮୧.୬୭ ସର୍ବାଧିକ କଟ୍‌ଅଫ୍ ମାର୍କ ରଖାଯାଇଛି। ଧର୍ମଶାଳା କଲେଜରେ ପ୍ରଥମ ପାର୍ଯ୍ୟାୟ କଳାରେ ନାମ ଲେଖା ପାଇଁ ସାଧାରଣବର୍ଗ ନିମନ୍ତେ ୭୨.୬୭, ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ୪୯.୫୦, ଏସ୍‌ସି ଛାତ୍ରୀଛାତ୍ରଙ୍କ ପାଇଁ ୬୭.୧୭ ଭାଗ କଟଅଫ୍ ମାର୍କ ରଖାଯାଇଛି।

ସେହିପରି ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୭୬.୬୭ ଭାଗ, ଏସ୍‌ଟି ପାଇଁ ୬୫ ଭାଗ, ଏସ୍‌ସି ପାଇଁ ୪୯.୪୦ ଭାଗ କଟଅଫମାର୍କ ରଖାଯାଇଛି। ବାଣିଜ୍ୟରେ ସାଧାରଣ ବର୍ଗ ପାଇଁ ୫୩ ଭାଗ କଟ୍‌ଅଫ୍ ମାର୍କ ରହିଛି। ବଜ୍ରଗିରି ଯୁକ୍ତ ୨ କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୬୩.୧୭ ଭାଗ, ଏସ୍‌ସିପାଇଁ୩୩.୬୭ ଭାଗ କଟ୍‌ଅଫ୍ ମାର୍କ ରଖାଯାଇଛି। ଏହି କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୮୧.୬୭ ଭାଗ, ଏସ୍‌ଟି ପାଇଁ ୬୮.୫୦ ଭାଗ ଓ ଏସ୍‌ସି ପାଇଁ ୬୮.୫୦ ଭାଗ କଟଅଫମାର୍କ ରଖାଯାଇଛି। ଧର୍ମଶାଳା ମହିଳା ଯୁକ୍ତ ୨ କଲେଜରେ କଳାରେ ସାଧାରଣବର୍ଗ ପାଇଁ ୬୦.୩୩, ଏସ୍‌ଟି ୪୧.୩୩,ଏସ୍‌ସି ୪୧.୫୦ ଭାଗ କଟ୍‌ଅଫ୍ ମାର୍କ ରଖାଯାଇଛି। ଜେନାପୁର ଯୁକ୍ତ ୨ କଲେଜରେ କଳାରେ ସାଧାରଣବର୍ଗ ପାଇଁ ୬୧.୬୭, ଏସ୍‌ସି ପାଇଁ ୫୦.୩୩ ଭାଗ କଟ୍‌ଅଫ୍ ମାର୍କ ରହିଛି। ଜଗନ୍ନାଥଜୀଉ ଯୁକ୍ତ ୨ କଲେଜରେ କଳାରେ ୫୬.୮୩, ଏସ୍‌ଟି ୩୩.୦୦, ଏସ୍‌ସି ୩୩.୦୦ ଭାଗ କଟଅଫମାର୍କ ରଖାଯାଇଛି। ଏଠାରେ ବିଜ୍ଞାନରେ ସାଧାରଣବର୍ଗ ପାଇଁ ୭୩.୩୩, ଏସି ପାଇଁ ୩୩.୦୦ ଭାଗ କଟ୍‌ଅଫ୍ ମାର୍କ ରଖାଯାଇଛି। ମୁକୁନ୍ଦପାତ୍ର ଯୁକ୍ତ ୨ କଲେଜ କଳାରେ ସାଧାରଣବର୍ଗ ପାଇଁ ୬୦.୦୦, ଏସ୍‌ଟି ପାଇଁ ୫୧.୦୦ ଓ ଏସ୍‌ସି ପାଇଁ ୫୦.୦୦ ପ୍ରତିଶତ କଟ୍‌ଅଫ୍ ମାର୍କ ରଖାଯାଇଛି।

ଏଠାରେ ବିଜ୍ଞାନରେ ସାଧାରଣବର୍ଗ ପାଇଁ ୪୮.୬୭, ଏସ୍‌ସି ପାଇଁ ୫୧ ଭାଗ କଟ୍‌ଅଫ୍ ମାର୍କ ରଖାଯାଇଛି। ରେନେସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୨ ଭାଗ ଓ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୬୬ ଓ ଏସସି ପାଇଁ ୬୭ ଭାଗ କଟଅଫ ମାର୍କ ରଖାଯାଇଛ। ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୩୪.୧୭ ଭାଗ କଟ୍‌ଅଫ୍ ମାର୍କ ରଖାଯାଇଛି ବୋଲି ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ପ୍ରଥମ ପାର୍ଯ୍ୟାୟରେ ନାମଲେଖା ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ସେପ୍ଟେମ୍ବର ୨ରେ ପ୍ରକାଶ ପାଇବା ସହ ନାମଲେଖା ସେହିମାସ ୫ରୁ ୭ ତାରିଖ ମଧ୍ୟରେ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଷମୁକ୍ତ ଜୈବିକ କୃଷି ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ପାଣିକୋଇଲି,୧୮।୮(ଡି.ଏନ.ଏ.)

ଜହର ମୁକ୍ତ କ୍ଷେତି ଭାରତ ଅଭିଯାନ ଜୟପୁର ରାଜସ୍ଥାନ ପକ୍ଷରୁ ପାଣିକୋଇଲି କୃପାଲୁ ରାଇସ ଇଣ୍ଡଷ୍ଟ୍ରିଜ ସହାୟତାରେ ପଥରପଦା ପଞ୍ଚାୟତ କାର୍ଯ୍ୟାଳୟରେ ବିଷ ମୁକ୍ତ ଜୈବିକ କୃଷି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି, ପଥରପଦା, କରଦା, ଗୋଳେଇପୁର, ଧନେଶ୍ୱର ଆଦି ପଞ୍ଚାୟତର ଶତାଧିକ ଚାଷୀଙ୍କୁ ନେଇ ଏହି ଆଲୋଚନାଚକ୍ର ଶିଳ୍ପପତି ଅନିରୁଦ୍ଧ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଜହର ମୁକ୍ତ କ୍ଷେତି ଭାରତ ଅଭିଯାନର କୃଷି ଗବେଷକ ବିକାଶ ଶର୍ମା, ସମ୍ମାନିତ ଅତିଥିଭାବେ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସନ୍ତୋଷ କୁମାର ବେହେରା, କୃଷକନେତା ବଳରାମ ସାହୁ, ସମବାୟ ସମିତିସଭ୍ୟ ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜୈବିକ ଚାଷ ଦ୍ୱାରା ନିଜର ଓ ପରିବାର ଏବଂ ସମାଜରେ କି ପ୍ରକାର ପ୍ରଭାବ ରହିଛି ଓ ବିଷ ଯୁକ୍ତ ଚାଷ ଦ୍ୱାରା ସମସ୍ତଙ୍କର କି ପ୍ରକାର କ୍ଷତି ହେଉଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଅଞ୍ଚଳରେ କେବଳ ଖରିଫ ଧାନ ଚାଷ କରି ଚାଷୀ ଘରେ ବସୁଛନ୍ତି। ୬ ମାସ ସମୟରେ କେବଳ ଧାନ ଚାଷକୁ ଛାଡ଼ି ପନିପରିବା, ଫଳ ଚାଷ, ତୈଳ ଜାତୀୟ ଚାଷ କରାଗଲେ ଚାଷୀର ମେରୁଦଣ୍ଡ ସଳଖ ହେବା ସହ ଅର୍ଥନୈତିକ ଅଗ୍ରଗତି ଘଟିବ। ତେଣୁ ଧାନ ସହିତ ବିଭିନ୍ନ ଚାଷ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାଣିକୋଇଲି ପାକ୍ସ ସମ୍ପାଦକ ସୁଦର୍ଶନ ପରିଡ଼ା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପଦ୍ମନାଭ ମଲ୍ଲିକ, ଅଦୈତ ଚରଣ ଦାଶ, ଭରତ ବାରିକ, ଅନାମ ମହାପାତ୍ର, ଅନିଲ ବୋଇତାଇ, ବିଦ୍ୟାଧର ସାହୁ, ଦନାର୍ଦ୍ଦନ ସେନାପତି, ସନ୍ତୋଷ ମହାକୁଡ଼ ଓ ଅଭିରାମ ବାରିକଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

# ସାହିତ୍ୟିକଙ୍କୁ କଳାକାର ଭତ୍ତା ପ୍ରଦାନ ଦାବି

**ରାଜ୍ୟପାଳଙ୍କୁ ଭେଟିଲେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା**

ଯାଜପୁର ଅଫିସ,୧୮।୮

ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ରୀତାରାଣୀ ନାୟକ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଓଡିଶାର ଲେଖକ, କବି, ଗାଳ୍ପିକ ପ୍ରମୁଖଙ୍କୁ କଳାକାର ଭତ୍ତା ଦେବାପାଇଁ ଅନୁରୋଧ କରିଛନ୍ତି। ଏହିମର୍ମରେ ରାଜ୍ୟପାଳଙ୍କୁ ସେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେ ଦର୍ଶାଇଛନ୍ତି , ଓଡିଶା କଳାକାର ଭତ୍ତା ନିୟମ-୧୯୭୬ ଏବଂ ମୁଖ୍ୟମନ୍ତ୍ରୀ କଳାକାର ସାହିତ୍ୟିକ ଯୋଜନା ମାଧ୍ୟମରେ ପ୍ରାୟ ୫୦ ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ପେନସନ ଦିଆଯାଉଛି। ତେବେ ଏହି ଯୋଜନାରେ ଲେଖକ ଓ ସାହିତ୍ୟିକମାନଙ୍କୁ ମଧ କଳାକାର ଭତ୍ତା ଦେବାପାଇଁ ବ୍ୟବସ୍ଥା ଅଛି । କିନ୍ତୁ ସେମାନେ ଏହି ଭତ୍ତାରୁ ବଞ୍ଚିତ ରହିଛନ୍ତି। ସେମାନଙ୍କ ଅବଦାନ ସମାଜ ପାଇଁ ଏବଂ ପ୍ରଦେଶ ପାଇଁ କୌଣସି ଗୁଣରେ କମ ନୁହଁ । ରାଜ୍ୟପାଳ ସ୍ମାରକପତ୍ରକୁ ପଢି ଓଡିଶା ସରକାରଙ୍କ ସହିତ ବିଚାର ବିମର୍ଶ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୁଙ୍ଗୁଡ଼ା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ



କୁନିକୁନି ପିଲାଙ୍କ ଦ୍ୱାରା ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ଚଣ୍ଡିଖୋଲ,୧୮।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟା ସନ୍ଧ୍ୟାରାଣୀ ବ୍ରହ୍ମଙ୍କ ଅଧ୍ୟକ୍ଷତାରେ ସାମାଜିକକର୍ମୀ ଅନିଲ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବ ସାମାଜିକ କର୍ମୀ ସୁଜିତ କୁମାର ସିଂହ ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରାରେ ଯୁଗଯୁଗ ଧରି ଜନ୍ମାଷ୍ଟମୀ ପାଳିତ ହୋଇଆସୁଛି। ଆମର ଭକ୍ତି ଭାବ ଓ ସଭ୍ୟତାକୁ ଏହା ଉଜାଗର କରିଥାଏ ବୋଲି କହିଥିଲେ। ଏହାପରେ କୁନିକୁନି ପିଲାଙ୍କ ଦ୍ୱାରା ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଗୁରୁମା ବାସନ୍ତୀ ଜେନା, ନିରଶୀ ସାମଲ, ବନ୍ଦନା ନାୟକ, ନିଳିମା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ମନୋରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ସାଂସ୍କୃତିକ ସଙ୍ଗଠନର ଦିଲ୍ଲୀରେ ଅମୃତ ମହୋତ୍ସବ



ସ୍ୱାଧୀନତାର ଅମୃତ ମହୋତ୍ସବରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

ଯାଜପୁର ଅଫିସ,୧୮।୮

ଓଡ଼ିଆ ସାଂସ୍କୃତିକ ସଙ୍ଗଠନ ତରଫରୁ ନୂଆଦିଲ୍ଲୀର ଘିଟୋର୍ନି ଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଛି। ସଙ୍ଗଠନର ସଭାପତି ତ୍ରିଲୋଚନ ମହନ୍ତ ଜାତୀୟ ପତାକା ଉତ୍ତୋଳନ କରିବା ସହ ସଙ୍ଗଠନର ଅନ୍ୟାନ୍ୟ ସଦସ୍ୟ ହରପ୍ରସାଦ ବେଉରିଆ, ଶଶିକାନ୍ତ ନାୟକ, ଭୀମସେନ ସାହୁ, ମନୋଜ ଦାସ, କିଶୋର ସାହୁ, ପ୍ରଦୀପ୍ତ ଦାସ, ମୋହର ରଞ୍ଜନ ଦାଶ, ନବଘନ ସାମଲ, ସିସଦେବ ବିଶ୍ୱାଳ, ଜନ୍ମେଜୟ ବିଶ୍ୱାଳ, ବାବାଜୀ ଚରଣ ସାହୁ, କିଶୋର ରାଉତଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦାନ କରିଥିଲେ। ଏହି ସଭାରେ କୁନି କୁନି ପିଲାଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିକ୍ଷା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ

ବରୀ,୧୮।୮ (ଡି.ଏନ୍.ଏ.)

**ଯାଦବ ମହାସଭା ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

ଶିକ୍ଷା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ତେବେ କେବଳ ଶିକ୍ଷାଗତ ଯୋଗ୍ୟତା ବା ଅଧିକା ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଗଲେ ଜଣେ ବଡ଼ ମଣିଷ ହୋଇପାରିବ ନାହିଁ। ଛାତ୍ରୀଛାତ୍ର ଶିକ୍ଷା ଦ୍ୱାରା ହାସଲ କରିଥିବା ଜ୍ଞାନର ଯଦି ସଦୁପଯୋଗ କରନ୍ତି ତାହେଲେ ସେ ବଡ଼ ମଣିଷ ନ ହେଲେବି ଜଣେ ଭଲ ମଣିଷ ହୋଇପାରିବେ ବୋଲି ଗୁରୁବାର ଯାଦବ ମହାସଂଘର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏହି ମତ ରଖିଛନ୍ତି। ବରୀ ବ୍ଲକ୍ ଅଧୀନ ଶୋଭନୀୟ ଶିକ୍ଷାଶ୍ରମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଶୋକ ଦାସ ସଭାପତିତ୍ୱ କରିଥିଲେ। ଶିକ୍ଷକ ଦିଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅନ୍ୟତମ ଶିକ୍ଷକ ଅଶୋକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଭା ସମ୍ପାଦକ କିଶୋର ଚନ୍ଦ୍ର ଦାସ ସମ୍ପାଦକୀୟ ପାଠ କରିଥିଲେ।

ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧାପକ ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀ ଅଞ୍ଚଳର ଛାତ୍ରୀ ନୀହାରିକା ଦାସ ମାଟ୍ରିକରେ ଯାଜପୁର ଜିଲାର ସର୍ବୋଚ୍ଚ ନମ୍ବର ରଖିବା ଏବଂ ବରୀ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ୍ ୧୪୦ ଛାତ୍ରୀଛାତ୍ର ଏ-୧ ରେ କୃତିତ୍ୱ ହାସଲ କରିଥିବାରୁ ଶିକ୍ଷାକ୍ଷେତ୍ରରେ ବରୀ ମାଟି ଗର୍ବ ଅନୁଭବ କରୁଛି। ଆଗାମୀ ଦିନରେ ଛାତ୍ରୀଛାତ୍ର ଶିକ୍ଷାକ୍ଷେତ୍ରରେ ମନୋନିବେଶ କରି ଯେଭଳି ଅଧିକ ସଂଖ୍ୟାରେ ଅଞ୍ଚଳର ନାମକୁ ଉଚ୍ଚରେ ରଖିବେ, ସେ ନେଇ ଉଦ୍ୟମ କରିବା ଉଚିତ୍ ବୋଲି ସେ ମତ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ୍ ସଭାପତି କେଦାର ସାମଲ, ଯାଦବ ମହାସଭା ଜିଲା ସଭାପତି ଗଣେଶ୍ୱର ଦାସ, ଜିଲା ସମ୍ପାଦକ ମୁକୁନ୍ଦ ପ୍ରସାଦ ଦାସ, ସଂଗ୍ରାମ ପଲାଇ, ଯାଜପୁର ଜିଲାପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଯତୀନ୍ଦ୍ର ନାୟକ, ନିରଞ୍ଜନ ସେନାପତି, ବିପିନ ବିହାରୀ ଜେନା, ଶିକ୍ଷକନେତା ଲୋକନାଥ ଦାସ, ଡ. ନୃସିଂହ ଚରଣ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ସମିତି ସଭ୍ୟଙ୍କ ନାମରେ ମାମଲା**

**ନୟାଗଡ ଅଫିସ,୧୮।୮ :** ନୟାଗଡ ବ୍ଲକ ଶରଧାପୁରର ସମିତି ସଭ୍ୟ ସୁଜିତ୍ ପ୍ରଧାନଙ୍କ ନାମରେ ଇଟାମାଟି ଥାନାରେ ମାମଲା ରୁଜୁ ହୋଇଛି । ସୁଜିତ୍ ସ୍ଥାନୀୟ ଅଞ୍ଚଳର ଜଣେ ଦଳିତ ମହିଳାଙ୍କୁ ୪୫ ହଜାର ଟଙ୍କା ସୁଧକୁ ଦେଇଥିଲେ । କିଛି ମାସ ପରେ ମୂଳ ସୁଧ ମିଶି ୧ ଲକ୍ଷ ୨୦ ହଜାର ହେଲା ବୋଲି ସୁଜିତ୍ କହିଥିଲେ । ଏପରିକି ସୁଧ ଟଙ୍କା ମାଗିବା ଆଳରେ ଗତ ୧୩ ତାରିଖରେ ସଂପୃକ୍ତ ମହିଳାଙ୍କ ଘରକୁ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ସମୟରେ ମହିଳା ଚିତ୍କାର କରିଥିଲେ । ପରେ ସମିତି ସଭ୍ୟ ଫେରାର ହୋଇ ଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୮୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

**ନୟାଗଡ଼ ଅଫିସ,୧୮।୮:** ନୟାଗଡ଼ ଜିଲା ସଦର ମହକୁମାରେ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ନୟାଗଡ଼ ବ୍ଲକର ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷ ନିରୁପମା ଖଟେଇ, ଉପାଧକ୍ଷ ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ପୂଜା ପାଇଁ ପ୍ରତି ଘରୁ ପୂଜା ଚାନ୍ଦା ଆଦାୟ ହେଉଥିବାରୁ କାଉନସିଲରମାନେ ଏଥିରେ ଭାଗ ନେଇ ଚୁଲିଚାନ୍ଦା ଆଦାୟ କରିବାରେ ସହଯୋଗ କରିବାକୁ ନିଷ୍ପତି ହୋଇଛି । ଭସାଣି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ନିଷ୍ପତି ହୋଇଛି। ସେହିପରି ଆଜୀବନ ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଆଲୋଚନା କରାଯାଇଛି ।

### ଆଧାତ୍ମିକ ପାଠାଗାରର ଆଧାତ୍ମିକ ସଭା



**ଦଶପଲ୍ଲା,୧୮।୮(ଡି.ଏନ୍.ଏ):** ଜନ୍ମାଷ୍ଟମୀ ତଥା ସୀତାରାମ ଆଧାତ୍ମିକ ପାଠାଗାରର ୪ର୍ଥ ଜନ୍ମ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା ଏକ ଆଧାତ୍ମିକ ମହାସଭା । ସ୍ୱାମୀ ବିବେକାନନ୍ଦ ସାଇନ୍ସ କୋଚିଂ ସେଣ୍ଟର ପରିସରରେ ଛାତ୍ରୀଛାତ୍ର,ଶିକ୍ଷକ,କର୍ମଚାରୀ ଏବଂ କେତେଜଣ ସାଧୁ ସନ୍ଥଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଆଗାମୀ ପିଢିକୁ ଆଧାତ୍ମିକ ମାର୍ଗ ଦର୍ଶନ କରିବା ସହ ଆଜିର ଯୁବ ପିଢି କେବଳ ନିଜ ପରିବାର ମଧରେ ସୀମିତ ରହୁଛନ୍ତି । ଏପରିକି ନିଜ ବାପା ମା' ଙ୍କ ଠାରୁ ମଧ ଦୂରେଇ ଯାଉଛନ୍ତି। ସେମାନଙ୍କୁ ଉଚିତ୍ ଦିଗ୍ ଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ବୋଲି ବକ୍ତାମାନେ କହିଥିଲେ । ପ୍ରଭାତ ପରିକ୍ରମା,ତୁଳସୀ ଓ ଗୋମାତାଙ୍କ ପୂଜନ, ବ୍ରହ୍ମଲୀନ ସ୍ୱାମୀ ରାମସୁଖ ଦାଶଜୀ ମହାରାଜଙ୍କ ବାଣୀ ଶ୍ରବଣ କରାଯାଇଥିଲା। ଏଥିରେ ଅଭୟ ନୃସିଂହ ଗାଦୀ ବ୍ରହ୍ମଗିରୀର ଗୋକୁଳଜୀ ମହାରାଜ,ସୀତାରାମ ଦାଶ ମହାରାଜ , ସାଧୁ ସତ୍ୟ ମହାପାତ୍ର, ସାଧୁ ନିରଞ୍ଜନ ମିଶ୍ର ମହାରାଜ,ପଣ୍ଡିତ ଦିଲ୍ଲୀପ କୁମାର ମିଶ୍ର, ପ୍ରସନ୍ନ କୁମାର ପଣ୍ଡା,ଅଧାପକ ହରିହର ପଣ୍ଡା ,ବାପି ମହାନ୍ତି ଓ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପାସ୍ ହାର ୯୪.୩୧ ପ୍ରତିଶତ

**ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ**

- ଟପ୍ପରରେ ବାଜି ମାରିଲେ ଛାତ୍ରୀ
- ଲୋପିତା ଶତପଥୀ ଶ୍ରେଷ୍ଠ ସ୍ନାତକ

**ନୟାଗଡ଼ ଅଫିସ,୧୮।୮**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି । ଗତ ବର୍ଷ ୯୬.୩୦ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଚଳିତ ବର୍ଷ ୯୪.୩୧ ପ୍ରତିଶତ ହୋଇଛି। ଟପ୍ପର ତାଲିକାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜି ମାରିଛନ୍ତି । ତେବେ ବିଭାଗୀୟ ଟପ୍ପର ୧୯ ଜଣଙ୍କ ମଧ୍ୟରୁ ୧୫ଜଣ ଛାତ୍ରୀ ଅଛନ୍ତି । ବିଜ୍ଞାନ ବିଭାଗ କେମେଷ୍ଟ୍ରୀ ଛାତ୍ରୀ ଲୋପିତା ଶତପଥୀ ମୋଟ୍ ୨୬୦୦ ନମ୍ବରରୁ ୨୩୮୦ ରଖି ଶ୍ରେଷ୍ଠ ସ୍ନାତୋକ ହୋଇଛନ୍ତି । ଲୋପିତାଙ୍କୁ କ୍ୟୁମଲେଟିଭ ଗ୍ରେଟ ପଏଣ୍ଟ ଆଭ୍ରେଜର ସଫଳତା ଶ୍ରେଷ୍ଠ ସ୍ନାତୋକ ହେବାରେ ସହଯୋଗ କରିଛି । ଅନ୍ୟପକ୍ଷେ ମହାବିଦ୍ୟାଳୟରେ ୧୯ଜଣ ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ବିଭାଗୀୟ ଶ୍ରେଷ୍ଠ ଟପ୍ପର ଅଛନ୍ତି । ବିଜ୍ଞାନ ବିଭାଗର କେମେଷ୍ଟ୍ରୀ ଅନର୍ସ ଛାତ୍ରୀ ମୋନାଲିସା ଷଡ଼ଙ୍ଗୀ ୨୩୯୨, କଳା ବିଭାଗର ସଂସ୍କୃତ ଅନର୍ସ ଛାତ୍ରୀ ଶୋଭାରାଣୀ ସାହୁ ୨୨୮୭ ଓ କମର୍ସ ବଭାଗ କମର୍ସ ଅନର୍ସ ଛାତ୍ରୀ ଦୀପ୍ତିମୟୀ ରାଉତ ୨୧୫୦ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ଟପ୍ପର ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ବଟାନୀରେ ସ୍ମୃତି ରଞ୍ଜନ ସାହୁ, ଇଲୋକଟ୍ରୋନିକ୍ସରେ ରଞ୍ଜିତା ସ୍ୱାଇଁ, ଫିଜିକ୍ସରେ ଦେବୀ ପ୍ରସାଦ ଦାସ, ଜୁଲୋଜିରେ ପ୍ରତ୍ୟାଶା ରଥ, କମ୍ପ୍ୟୁଟର ସାଇନ୍ସରେ ଆଶିଷ ପ୍ରଧାନ ଓ ଆଇଟିଏମରେ ଦୁଜାତା ସର୍ଦ୍ଦାର ସିଂ ଟପ୍ପର ହୋଇଛନ୍ତି । କଳାରେ ଏଜୁକେଶନରେ ପ୍ରଜ୍ଞାମିତା ସାହୁ, ସାଇକୋଲୋଜିରେ ସୋନାଲି ସାହୁ, ମ୍ୟାଥମେଟିକ୍ସରେ ସୀମାଞ୍ଚଳ ସାହୁ, ପଲିଟିକାଲ ସାଇନ୍ସରେ ପ୍ରଭାସିନି ସ୍ୱାଇଁ, ଇକୋନୋମିକ୍ସରେ ସୁମିତ୍ରା ନାୟକ, ଓଡିଆରେ ଉଷାରାଣୀ ମହାପାତ୍ର, ସୋସିଓଲୋଜିରେ ପୂର୍ଣ୍ଣିମା ଖୁଣ୍ଟିଆ, ଇତିହାସରେ ସୁରେନ୍ଦ୍ର ବାରିକି, ଫିଲୋସିପିରେ ଦେବସ୍ମିତା ସାହୁ, ଇଂଲିଶରେ ଲକ୍ଷ୍ମୀପ୍ରୀୟା ସାସମଲ ଅନୁରୂପ ଭାବେ ଟପ୍ପର ହୋଇ ପାରିଛନ୍ତି ।

ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ସୁରେଶ କୁମାର ପ୍ରଧାନ ଓ ପରୀକ୍ଷା ପରିଚାଳକ ଜାନକୀ ନାଥ ଦାଶ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଅଧକ୍ଷଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ୬୫୦ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ । ଏଥିରୁ ୬୧୩ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୩୭ ଜଣ ଫେଲ୍ ହୋଇଛନ୍ତି । ପାସ୍ ଛାତ୍ରୀଛାତ୍ରଙ୍କ ମଧରେ ୫୭୦ ଜଣ ଫାଷ୍ଟ କ୍ଲାସ, ସେକେଣ୍ଡ କ୍ଲାସରେ ୪୩ଜଣ ଅଛନ୍ତି । କଳାର ରେଜଲ୍ଟ ୯୬.୦୭ ପ୍ରତିଶତ ହୋଇଛି । କଳାରେ ୨୨୯ ଜଣ ଫର୍ମ ପୂରଣ କରିଥିବାବେଳେ ୨୨୦ ପାସ୍ କରିଛନ୍ତି । ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୧୭ ପ୍ରଥମ ଶ୍ରେଣୀରେ ଓ ୩ଜଣ ୨ୟ ଶ୍ରେଣୀରେ ପାସ କରିଛନ୍ତି । କମର୍ସରେ ୮୬.୬୧ ପ୍ରତିଶତ ରେଜଲ୍ଟ ହୋଇଛି । ୧୨୭ ଜଣ ପରୀକ୍ଷା ଦେଇ ଥିବାବେଳେ ୧୧୦ ପାସ ହୋଇଛନ୍ତି । ଏଥିରୁ ୭୦ ଜଣ ଫାଷ୍ଟ କ୍ଲାସ ଓ ୪୦ ଜଣ ସେକେଣ୍ଡ କ୍ଲାସ ଅଛନ୍ତି । କମର୍ସ ରେଜଲ୍ଟ ୯୬.୨୬ ପ୍ରତିଶତ ହୋଇଛି । କମର୍ସରେ ୨୯୪ ଜଣ ପରୀକ୍ଷା ଦେଇଥିବାବେଳେ ୨୮୩ ଜଣ ପାସ୍ କରିଛନ୍ତି । ପାସ୍ ଛାତ୍ରୀଛାତ୍ର ସମସ୍ତ ପ୍ରଥମ ଶ୍ରେଣୀ ପାଇଛନ୍ତି ।

**ଶ୍ରେଷ୍ଠ ସ୍ନାତକଙ୍କ ମୁହଁରୁ ...**



ଲୋପିତା ଶତପଥୀ



ମୋନାଲିଶା ଷଡ଼ଙ୍ଗୀ



ଶୋଭାରାଣୀ ସାହୁ



ଦୀପ୍ତିମୟି ରାଉତ

ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତୋକ ଲୋପିତା ଶତପଥୀଙ୍କ ଘର ନୟାଗଡ ସହର ଛାୟାପଥ ଲେନରେ। ନିଜର ସଫଳତା ଉପରେ ସେ କୁହନ୍ତି, ମୁଁ ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି । ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି। ମୁଁ ଟପ୍ପର ହେବାକୁ ଅଶା ରଖିଥିଲି । ହେଲେ ମୋ ପରିଶ୍ରମ ମୋତେ ଆଶାଠାରୁ ଅଧିକ ସଫଳତା ଦେଇଛି । ମୁଁ ଏଥିରେ ଖୁସି । ବିଜ୍ଞାନର ଶ୍ରେଷ୍ଠ ଟପ୍ପର ମୋନାଲିଶା ଷଡ଼ଙ୍ଗୀ କୁହନ୍ତି ଆମ ଘର ଭାପୁର ବ୍ଲକର କଇଁଫୁଲିଆ। ଜଣେ ବ୍ୟାଙ୍କ ଅଫିସର ହେବାକୁ ମନସ୍ଥ କରିଛି । କଳା ଟପ୍ପର ଶୋଭାରାଣୀ ସାହୁଙ୍କ ଘର ନୂଆଗାଁ ବ୍ଲକର ବାହାଡାଝୋଲାରେ। ସେ କୁହନ୍ତି, ମୁଁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛି। କମର୍ସ ଟପ୍ପର ଦୀପ୍ତିମୟି ରାଉତ କୁହନ୍ତି, ଆମ ଘର ଓଡ଼ଗାଁ ବ୍ଲକର ବଡପୁଟରେ । ମୁଁ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି ।

**ପିଜି ରେଜଲ୍ଟ ଶତ ପ୍ରତିଶତ**

ମହାବିଦ୍ୟାଳୟରେ ପିଜି ରେଜଲ୍ଟ ଶତ ପ୍ରତିଶତ ହୋଇଛି । ଏଥିରେ ୪୫ ଜଣ ଫର୍ମ ପୂରଣ କରିଥିବାବେଳେ ୪୫ ଜଣ ପ୍ରଥମ କ୍ଲାସରେ ପାସ୍ କରିଛନ୍ତି । ମାଷ୍ଟର ଇନ୍ ସୋସିଆଲ ୱାର୍କରେ ସମୁଦାୟ ୭ ପରୀକ୍ଷାର୍ଥୀ, ମାଷ୍ଟର ଇନ୍ କମର୍ସରେ ୨୩ ଓ ମାଷ୍ଟର ଇନ୍ ଓଡିଆରେ ୭ଜଣ ପ୍ରଥମ କ୍ଲାସ ପାଇଛନ୍ତି ।

### ଓଲଟିଲା କଣ୍ଟେନର, ୩ ଘଣ୍ଟା ଯାତାୟାତ ବନ୍ଦ

**ଦଶପଲ୍ଲା,୧୮।୮ (ଡି.ଏନ୍.ଏ)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର ନୟାଗଡ଼ ଜିଲାର ଦଶପଲ୍ଲା ନିକଟସ୍ଥ ଶାଳିଆଗୋଛାଠାରେ ଗୁରୁବାର ସକାଳେ ଏକ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା ଫଳ ରେ ଉଭୟ ପାର୍ଶ୍ୱରେ ଶହ ଶହ ଜାନ ବାହାନ ଅଟକି ରହିଥିଲା । ଦୀର୍ଘ ତିନି ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପ୍ରଶାସିନକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଓଲଟି ପଡିଥିବା କଣ୍ଟେନରକୁ କ୍ରେନ୍ ଦ୍ୱାରା ଉଠାଇ ରାସ୍ତାରୁ ହଟାଇଥିଲେ । ଏହାର କିଛି ସମୟ ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

### ୧୫୭ ୟୁନିଟ୍ ରକ୍ତ ସଂଗ୍ରହ

**ଭାପୁର,୧୮।୮(ଡି.ଏନ.ଏ.)**

ଭାପୁର ବ୍ଲକ ଅଧୀନ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଧବାର ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତ ଅଭାବରୁ କାହାରିକୁ ମରିବାକୁ ଦେବା ନାହିଁ ବୋଲି କହିଥିଲେ । ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଭାପୁର ଅଞ୍ଚଳର ବହୁ ଯୁବ ଛାତ୍ର ରକ୍ତଦାନ କରିଥିଲେ । ନୟାଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ମୋଟ୍ ୧୫୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

## ଜନ୍ମାଷ୍ଟମୀ ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

**ଖଣ୍ଡପଡା,୧୮।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ପୀଠ ଏବଂ ରାଧାମୋହନ ଜୀଉ ମଠରେ ଗୁରୁବାର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଜୀଉଙ୍କ ସକାଳ ଓ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗୁରୁଣ୍ଡି ଗୋପାଳ ଜୀଉଙ୍କୁ ଆଜ୍ଞାମାଳ ଦେଇ ଜନ୍ମ ଚକଡାରେ ବିଜେ କରାଯାଇଥିଲା । ପରେ ଦିଅଁ ଘରେ ଆରମ୍ଭ ହୋଇଥିଲା ଦେବକୀଙ୍କ ଗର୍ଭ ଯନ୍ତ୍ରଣାଠାରୁ ଆରମ୍ଭ କରିଶ୍ରୀକୃଷ୍ଣଙ୍କ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସମସ୍ତ ବିଧି ବ୍ୟବସ୍ଥା । ପୁରୋଧା ଭୂମିକାରେ ମନୋରଞ୍ଜନ ମିଶ୍ର ହୋମ କର୍ମ କରିଥିଲେ। ପରେ ରୀତିନୀତି ଅନୁଯାୟୀ ନାଭିକଟା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଖଣ୍ଡପଡା ସହରର ଜଗନ୍ନାଥ ମନ୍ଦିର, ଗୋପୀନାଥ ଜୀଉଙ୍କ ମନ୍ଦିର, ଖଳିସାହିସ୍ଥିତ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଖଳିସାହି ଇସ୍କନ ମଠ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସିଧାମୂଳାସ୍ଥ ମଣିକର୍ଣ୍ଣିକା ପାହାଡ ନିକଟ ଗୋକୁଳାନନ୍ଦଜୀଉ ପୀଠ, ମହୁଲପଡା ବାତରା ମଠରେ ଜନ୍ମାଷ୍ଟମୀ ଉପଲକ୍ଷେ ମଙ୍ଗଳ ଆଳତୀ ପରେ ଷୋଡଶ ଉପଚାରରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା । ପରେ ହୋମକାର୍ଯ୍ୟ ଅନୁଷ୍ଠିତ ହୋଇ ପଣ୍ଡିତଙ୍କ ଦ୍ୱାରା କୃଷ୍ଣଜନ୍ମ ଅଧ୍ୟାୟ ପଠନ କରାଯାଇଥିଲା।



ଠାକୁରଙ୍କୁ ବିଭିନ୍ନ ପ୍ରକାର ଭୋଗ ସମର୍ପଣ କରାଯାଇଛି ।

## ମନମୋହିଲେ କୁନି ରାଧାକୃଷ୍ଣ ଯୋଡ଼ି

**ରଣପୁର,୧୮।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଚାରିୟଟ ବିଦ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି ଜନ୍ମାଷ୍ଟମୀ ଉତ୍ସବ । ଏହି ଅବସରରେ ପିଲାମାନେ ରାଧା କୃଷ୍ଣ ବେଶରେ ସଜେଇ ହୋଇଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କିଏ ରାଧା ସହ ନାଚିବାରେ ନିମଗ୍ନ ଥିଲେ ତ ଆଉ କିଏ ଲହୁଣି ଚୋର ଶ୍ରୀକୃଷ୍ଣଙ୍କ ପରି ହାଣ୍ଡି ଭାଙ୍ଗିଥିଲେ । କେବଳ ରାଧା-କୃଷ୍ଣ ବେଶ ନୁହେଁ, ଜଣେ ଛାତ୍ରୀ ନିଜକୁ ରାଣୀ ଲକ୍ଷ୍ମୀବାଈ ବେଶରେ ସଜେଇ ହୋଇ ମହିଳା ଶକ୍ତିର ବାର୍ତ୍ତା ଦେଇଥିଲେ । ଉତ୍ସବର ଆୟୋଜନ କରି ବେଶ ଖୁସି ଲାଗୁଛି ବୋଲି ସ୍କୁଲ ଅଧକ୍ଷ ପ୍ରଭାତ କୁମାର ପ୍ରଧାନ କହିଥିଲେ।

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଷ୍ଟାମ୍ପ ଭେଣ୍ଡର**

### ଆକ୍ରମଣ ମାମଲାର ତଦନ୍ତ କରିବେ ଡିଏସ୍‌ପି

**ବ୍ରହ୍ମପୁର ଅଫିସ,୧୮।୮**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ସବ୍-ରେଜିଷ୍ଟ୍ରି କାର୍ଯ୍ୟାଳୟ ପରିସରରେ ୨୦୨୧ ମାର୍ଚ୍ଚ ୩ରେ ଷ୍ଟାମ୍ପ ଭେଣ୍ଡର ଓ ଜଣେ ଡିଟିପି ସେଣ୍ଟର ମାଲିକଙ୍କ ମଧରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ପୋଲିସ କ୍ରିଷ୍ଣା ଡିଟିପି ସେଣ୍ଟର ମାଲିକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଭିଯୋଗ କ୍ରମେ ମାମଲା ନମ୍ବର ୨୫୫/୨୧ ରେ ଷ୍ଟାମ୍ପ ଭେଣ୍ଡର ରମେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜାମିନରେ ଆସିବା ପରେ ଅଭିଯୋଗ କରିଛନ୍ତି, ପୋଲିସ ମୋ ଅଭିଯୋଗକୁ ସେହି ସମୟରେ ଗ୍ରହଣ ନ କରି କୃଷ୍ଣଚନ୍ଦ୍ର ବେହେରାଙ୍କ ଅଭିଯୋଗକୁ ଆଧାରକରି ମୋତେ ମିଥ୍ୟା ମାମଲାରେ ଗିରଫ କରିଥିଲା । ଘଟଣା ଦିନ ଉକ୍ତ ଡିଟିପି ମାଲିକ ମୋତେ ୫ଶହ ଟଙ୍କା ମାଗିଥିବା ବେଳେ ମୁଁ ତାଙ୍କୁ ଦେବାକୁ ମନା କରିବାରୁ ସେ ମୋତେ କାର୍ଯ୍ୟାଳୟ ପରିସରରେ ଏକ ଧାରୁଆ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାକି ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣାପଡିବ ବୋଲି ସେ କହିଛନ୍ତି । ଷ୍ଟାମ୍ପ ଭେଣ୍ଡର ରମେଶ ଏନେଇ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ । ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ଏହାର ଶୁଣାଣି କରି ଥାନାରେ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଟାଉନ ଥାନାରେ ୨୨୧/୨୨ ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଏଚ୍‌ଆରପିସିର ଡିଏସ୍‌ପି ଏନ୍. କେ. ଧୀରଙ୍କୁ ନିର୍ଦ୍ଦେଶ ମଧ ଦେଇଛନ୍ତି।

## ନାମ ଲେଖା ପାଇଁ ଯୁକ୍ତ୨ ମେରିଟ୍ ତାଲିକା ପ୍ରକାଶ

**ଖଣ୍ଡପଡ଼ା,୧୮।୮(ସ୍ୱ.ପ୍ର.)**

ବୁଧବାର ବିଭିନ୍ନ ମହାବିଦ୍ୟାଳୟର +୨ କଳା, ବିଜ୍ଞାନ ଓ ଧନ୍ଦା ମୂଳକ ଶ୍ରେଣୀ ପାଇଁ ମେରିଟ ତାଲିକା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ କଣ୍ଟିଲୋ ନୀଳମାଧବ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ କଳା ବିଭାଗରେ ଚଳିତ ବର୍ଷର ବର୍ଦ୍ଧିତ ସିଟ୍ ମିଶାଇ ୪୩୮ ରହିଥିବା ବେଳେ ଏହି ବିଭାଗରେ ୪୧୦ ଜଣ ମନୋନିତ ହୋଇଛନ୍ତି । ସେହିପରି ଯୁକ୍ତ ୨ ବିଜ୍ଞାନରେ ୯୬ ସିଟରୁ ୭୯ ଜଣ ଓ ଭୋକେଶନାଲ (ଧନ୍ଦା ମୂଳକ) ସିପିଏମରେ ୨୪ରୁ ମାତ୍ର ୫ଜଣ ଓ ଭୋକେଶନାଲ ଟିଟି ବିଭାଗରେ ୨୪ ସିଟ ରହିଥିବା ବେଳେ ମାତ୍ର ଜଣେ ମନୋନୀତ ହୋଇଥିବା ଅଧ୍ୟକ୍ଷ ଶରତ କୁମାର ସାହୁଙ୍କଠାରୁ ସୂଚନା ମିଳିଛି । ସେହିପରି ପଠାଣି ସାମନ୍ତ କନିଷ୍ଠ ମହାବିଦ୍ୟାଳୟ ଯୁକ୍ତ ୨କଳା ଶ୍ରେଣୀରେ ସମୁଦାୟ ୩୫୨ରୁ ୩୫୨ ଓ ଖଣ୍ଡପଡା ମହିଳା କନିଷ୍ଠ ମହାବିଦ୍ୟାଳୟର ୨୫୬ ମଧ୍ୟରୁ ୨୫୬ ଛାତ୍ରୀ ମନୋନିତ ହୋଇଥିବା ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି ।

## ଭୋଟର ସଚେତନତା ରଥ ଶୁଭାରମ୍ଭ



ଭୋଟର ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି ।

**ନୂଆଗାଁ,୧୮।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବୁଧବାର ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଉକ୍ତ ସଚେତନତା ରଥ ଜିଲାର ସବୁ ବ୍ଲକର ପଞ୍ଚାୟତରେ ପରିକ୍ରମା କରି ଭୋଟରମାନେ ଭୋଟ ପରିଚୟ ପତ୍ର ସହ ଆଧାର କାର୍ଡର ସଂଯୋଗ କରିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲା । ଚଳିତ ମାସ ୩୧ମଧ୍ୟରେ ଏହି ସଂଯୋଗୀକରଣ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟରମାନଙ୍କୁ ଅବଗତ କରିଛନ୍ତି। ବୁଥସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଗରୁଡ ଆପ୍ କିମ୍ବା ମୋବାଇଲରେ ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ ଭୋଟର ତାଲିକା ସହ ଆଧାର ସଂଯୋଗୀକରଣ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଛି । ଏହି ଭୋଟର ସଚେତନତା ରଥକୁ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଓ ଜିପିଓ ସାଧୁଚରଣ ସାହୁ ଶୁଭାରମ୍ଭ କରିଥିଲେ ।

## ଦେଶାତ୍ମବୋଧକ କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ।

**ଖଣ୍ଡପଡା,୧୮।୮(ସ୍ୱ.ପ୍ର.)**

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠୋତ୍ସବ ସୋମବାର ଖଣ୍ଡପଡା ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଡକ୍ଟର ପବିତ୍ର ସୁବୁଦ୍ଧି, ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବି ତଥା ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ ଯୋଗଦେଇଥିଲେ । ପ୍ରାରମ୍ଭରେ ଆୟୋଜିତ ସଭାରେ ଡା.ପ୍ରଦୀପ ପାଇକରାୟ, ଶିକ୍ଷକ ନେତା ତଥା ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଅବସରପ୍ରାପ୍ତ ଅଧାପକ ଜଗଦୀଶ ପ୍ରସାଦ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଇଟାମାଟି କଲେଜ ଅଧକ୍ଷ ଅଶୋକ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖଣ୍ଡପଡା ପାଇଁ ମନୋନୀତ ଆୟୋଜକ ଅଧାପକ ଡଃ. ଅଜିତ କୁମାର ବସ'ରାୟ ଓ ସଂଯୋଜକ ବିନାୟକ ସାହୁ ପରିଚାଳନା କରିଥିଲେ । ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିଶୁକବି କାଶୀନାଥ ଦାସ, ଅଧାପକ ପ୍ରଦୀପ୍ତ କୁମାର ମିଶ୍ର, ସବିତା ଶୁକ୍ଳା, ନାରାୟଣ ଶୁକ୍ଳା, ମନୋଜ ଶତପଥୀ, ସୁରେଶ ମହାରଣା, ସାଗର ସ୍ୱାଇଁ, ଶୈଳବାଳା ରଥ, ମହେନ୍ଦ୍ର ବାରିକ, ବିପିନ ସାହୁ, ଲୋକନାଥ ମହାରଣାଙ୍କ ସମେତ ମଞ୍ଚାସୀନ ଅତିଥି ସ୍ୱରଚିତ କବିତା ଆବୃତି କରି ମନ୍ତ୍ରୀ କରିଥିଲେ । କବୟିତ୍ରୀ ଅଧାପିକା ନିଳିମା ନନ୍ଦ କବିତା ପାଠ ସଂଯୋଜନା କରିଥିବା ବେଳେ ବିନାୟକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ସ୍ଥାନୀୟ ଗଣମାଧମ ପ୍ରତିନିଧି ତଥା ବ୍ଲକ ପ୍ରଶାସନର କର୍ମଚାରୀମାନେ ସହଯୋଗ କରିଥିଲେ ।

## କେନାଲ ମୁହଁରୁ ମାଟି ହଟାଇବାକୁ ପ୍ରତିଶ୍ରୁତି ମିଳିଲା

**ଭାପୁର,୧୮।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ବାରବାଟୀ ଓ ନୂଆଗାଁ ମଧ୍ୟରେ ଥିବା ପୋଲକୁ ଜବରଦଖଲ କରାଯାଇଛି । ଏଥିପାଇଁ ନୂଆଗାଁ ଗ୍ରାମରେ ଆବର୍ଜନା ପାଣି ପଶୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଭାପୁର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲାପାଳ, ଏସ୍‌ପି ଓ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୭ ଦିନ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ମଙ୍ଗଳବାର ଭାପୁର ତହସିଲଦାର ତୃପ୍ତି ମହାନ୍ତି, ଆରଆଇ ପ୍ରିୟଙ୍କା ଜୁଝାରସିଂ ପହଞ୍ଚି ପୋଲ ମୁହଁ ଜବରଦଖଲ କରିଥିବା ବ୍ୟକ୍ତି ଦୀନବନ୍ଧୁ ପ୍ରଧାନକୁ ଡାକି ଆଲୋଚନା କରିଥିଲେ । ପରେ ପୋଲ ମୁହଁରୁ ମାଟି ହଟାଇବା ପାଇଁ ସେ ରାଜି ହୋଇଥିଲେ । ସୂଚନା ଅନୁଯାୟୀ, ଶାଳପଡ଼ା ପଞ୍ଚାୟତର ବାରବାଟୀ ଓ ନୂଆଗାଁ ୨ ଗାଁ । ବର୍ଷା ହେଲେ ଗୋଇସିଙ୍ଗ ଜଙ୍ଗଲରୁ ପାଣି ଆସି ଉପରୋକ୍ତ ଗାଁ ମଝିରେ ଥିବା ୨ ପୋଲ ଦେଇ ଗହୀରକୁ ଚାଲି ଯାଉଥିଲା । ହେଲେ ଏବେ ସେହି ଜମିରେ ଲୋକମାନେ ଘର କରି ରହୁଛନ୍ତି। ଫଳରେ ଜଳ ନିଷ୍କାସନ ପାଇଁ ଥିବା ପୋଲ ଅବରୋଧ ହୋଇଛି। ଫଳରେ ଗୋଇସିଙ୍ଗ ପାହାଡ଼ପାଣି ଓ ଗହୀରର ଦୂଷିତ ପାଣି ଯାଇ ନ ପାରି ବାରବାଟୀ ଗ୍ରାମ ଦେଇ ନୂଆଗାଁ ଭିତରେ ଜମା ହୋଇ ରହୁଛି । ସେହି ପାଣି ନୂଆଗାଁ ହାଇସ୍କୁଲରେ ପ୍ରବେଶ କରିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି ।



ତହସିଲଦାର ଓ ଆରଆଇ ଗାଁ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ମୋବାଇଲ ଚୋରି ମାମଲାରେ ଜଣେ ଗିରଫ

**ମୋବାଇଲ, ପଲ୍‌ସର ଜବତ**

**ରସୁଲପୁର,୧୮।୮(ଡି.ଏନ୍.ଏ.):** କୁଆଖିଆ ଥାନା ଅନ୍ତର୍ଗତ ହରିପୁର ବଜାର ନିକଟରୁ ମୋବାଇଲ ଫୋନ୍ ଚୋରି ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ବୋବାଇଲ ଓ ଚୋରିରେ ବ୍ୟବହୃତ ହେଉଥିବା ଏକ ପଲସର ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ କୋଟପୁର ଅଞ୍ଚଳର ମନୋଜ ଗୁଣି(୨୩)। ଏପ୍ରିଲ ୨୪ରେ କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ରଞ୍ଜନ କୁମାର ସାହୁଙ୍କ ମୋବାଇଲ୍‌କୁ ଏକ ପଲସରରେ ଆସି ଅଭିଯୁକ୍ତ ଛଡ଼ାଇ ନେଇଥିଲେ। ଉକ୍ତ ମୋବାଇଲକୁ ସେ ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ମୋହନପୁର ଅଞ୍ଚଳର ଜଣେ ପିଲାଙ୍କୁ ୨୫୦୦ଟଙ୍କାରେ ବିକ୍ରି କରି ଦେଇଥିଲେ। ଏନେଇ ରଞ୍ଜନ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ନଂ.୧୪୫।୨୨ରେ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ଶିବ ଚରଣ ବେହେରା ମାମଲାର ତଦନ୍ତ କରିଥିଲେ। ଚୋରି ମୋବାଇଲକୁ ପୋଲିସ ଜୁନ ୫ରେ ଜବତ କରିଥିଲା। ମୋବାଇଲ୍‌କୁ ଥାନା ଅଧିକାରୀ ଅଭିଯୋଗକାରୀଙ୍କୁ ପ୍ରଦାନ କରିଥିବାବେଳେ ମନୋଜଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ବୁଧବାର ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିବାବେଳେ ତାଙ୍କର ଜଣେ ସହଯୋଗୀ ଭୁବନେଶ୍ୱରର ବୋଲି ଜଣାପଡ଼ିଥିଲା। ଫଳରେ ତଦନ୍ତ ଅଧିକାରୀଙ୍କ ନେତୃତ୍ୱରେ ଏକ ଦଳ ଭୁବନେଶ୍ୱରର ଶାନ୍ତିପଲ୍ଲୀ ଅଞ୍ଚଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ମୋବାଇଲ ଲୁଟ୍‌ରେ ବ୍ୟବହାର କରାଯାଉଥିବା ପଲସର ଗାଡ଼ିକୁ ଜବତ କରିଥିଲା। ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି।

### ଲୁଟ୍ ଲୁହା ସ୍କ୍ରାପ୍, ୩ ବାଇକ୍ ଜବତ

**କଳିଙ୍ଗନଗର,୧୮।୮(ଡି.ଏନ.ଏ.):** ନୀଳାଚଳ ଇସ୍ପାତ କାରଖାନାର ନିରାପତା ଅଧିକାରୀ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ କାରଖାନାର ସୁରକ୍ଷାକର୍ମୀ ଏବଂ କଳିଙ୍ଗନଗର ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସଦଳବଳେ ନଡ଼ିଆ ଭଙ୍ଗା ପଞ୍ଚାୟତର ପଳାଶୁଣି ଗାଁରେ ଗୁରୁବାର ଚଢ଼ାଉ କରିଛନ୍ତି। ଚଢ଼ାଉବେଳେ ପୋଲିସକୁ ଦେଖି ଲୁଟେରା ଫେରାଇ ହୋଇଥିବାବେଳେ ସେମାନେ ଛାଡ଼ି ଯାଇଥିବା ଲକ୍ଷାଧିକ ଟଙ୍କାର ଲୁହା ସ୍କ୍ରାପ, ୩ଟି ବାଇକ ଓ ୩ ଟି ସାଇକେଲକୁ ପୋଲିସ ଜବତ କରିଛି। ତେବେ ପୋଲିସ ଲୁଟେରାଙ୍କ ଟେର ପାଇ ପାରି ନ ଥିବା ବେଳେ ଜବତ ୩ଟି ବାଇକ୍‌ରୁ ଗୋଟିଏ ବାଇକ ନୀଳାଚଳ କାରଖାନା କର୍ମଚାରୀଙ୍କର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଜବତ ସ୍କ୍ରାପ୍ ସବୁକୁ ପୋଲିସ କାରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ବୁଧବାର ରାତିରେ ପଳାଶୁଣି ଗାଁ ନିକଟ କାରଖାନା ପାଚେରି ଡେଇଁ ଲୁଟେରା ଏସବୁ ସ୍କ୍ରାପକୁ ଲୁଟ କରିଥିଲେ। ଗୁରୁବାର ସେସବୁକୁ ବାହାରକୁ ନେବାପାଇଁ ଯୋଜନା କରୁଥିବା ବେଳେ ଚଢ଼ାଉ କରାଯାଇଥିଲା। ନୀଳାଚଳକୁ ଟାଟା ଲଙ୍ଗପ୍ରଡକ୍ଟ କିଣିବା ପରେ ଚୋରି କମିଥିବା କମ୍ପାନୀ କହୁଥିବା ବେଳେ ପ୍ରକୃତରେ ଚୋରି ବଢୁଥିବା ଓ କିଛି ସୁରକ୍ଷାକର୍ମୀ ଏହି ଲୁଟେରାଙ୍କ ସହ ଭିତିରି ବୁଝାମଣା କରିଥିବା ଆଲୋଚନା ହେଉଛି।

# ପୁଣି ଗୋଳିଆ ପାଣି ଯୋଗାଣ

■ ବ୍ୟାସନଗରରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା

■ ନିୟମିତ ଅଭିଯୋଗ ହେଲେ ବି ପଦକ୍ଷେପ ନୈରାଶ୍ୟଜନକ

**ଯାଜପୁର ରୋଡ,୧୮।୮(ଡି.ଏନ.ଏ.)**

ଯାଜପୁର ଜିଲାର ଖାଲି ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ବି ପାନୀୟ ଜଳ ସମସ୍ୟା ଲାଗି ରହିଛି । ବିଶେଷକରି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରବାସୀଙ୍କୁ ନିୟମିତ ଭାବେ ଗୋଳିଆ ପାଣି ଯୋଗାଣ ହେଉଛି। ଜଳଯୋଗାଣ ଦାୟିତ୍ୱରେ ଥିବା ୱାଟକୋ (ୱାଟର କାର୍ପୋରେଶନ ଅଫ୍ ଓଡ଼ିଶା) କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟ ଲୋକଙ୍କ ଜୀବନକୁ ବିପଦରେ ପକାଉଛି ବୋଲି ମତପ୍ରକାଶ ପାଇଛି। ଗରିବ ସାଧାରଣ ଲୋକ ସେହି ପାଣି ପିଇ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବା ଆଶଙ୍କା ସୃଷ୍ଟି କରିଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଯେତେ ଅଭିଯୋଗ ହେଉଥିଲେ ହେଁ ୱାଟକୋ କର୍ତ୍ତୃପକ୍ଷଙ୍କ ମାନବିକତାରେ କୌଣସି ପରିବର୍ତ୍ତନ ହେଉନାହିଁ ବୋଲି ଅଭିଯୋଗ ହୋଇଛି।


ଲୋକଙ୍କୁ ଯୋଗାଣ ହେଉଥିବା ଗୋଳିଆ ପାଣି।

ଅଗଷ୍ଟ ମାସର ଏଇ ୧୮ ଦିନ ମଧ୍ୟରେ ପ୍ରାୟ ୧୦ ଦିନ ଗୋଳିଆ ପାଣି ଯୋଗାଣ ହେଉଥିବା ସହରବାସୀ ପ୍ରକାଶ କରିଛନ୍ତି। ଗୁରୁବାର ସକାଳୁ ସହରର କୋପଣ୍ଡ, ମୁଣ୍ଡୋମାଳ ମହତାବନଗର ଆଦି ଅଞ୍ଚଳରେ ଧୂସର ରଙ୍ଗର ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ୱାଟ୍‌କୋର ବ୍ୟାସନଗର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗତାନୁଗତିକ ଭାବେ ସମସ୍ୟାର ସମାଧାନ ହେବ ବୋଲି ତାଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ଏପରିକି ହ୍ୱାଟ୍ସଆପ ଯୋଗେ ୱାଟ୍‌କୋର ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତିଙ୍କୁ କାଦୁଅ ମିଶା ପାଣିର ଫଟୋ ଚିତ୍ର ପଠାଇ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଅନୁରୋଧ କରାଯାଇଥିଲା। ନିମ୍ନମାନର ପାଇପ ଏବଂ ନିର୍ମାଣ ସାମଗ୍ରୀ ବ୍ୟବହାର କରି ୱାଟ୍‌କୋ କର୍ତ୍ତୃପକ୍ଷ ମରାମତି ଓ ରକ୍ଷଣାବେକ୍ଷଣ ନାମରେ ଆସୁଥିବା ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ୍ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବ୍ୟାସନଗର ପୌରାଞ୍ଚଳରେ ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର ସ୍ମଲ ଆଣ୍ଡ ମିଡିୟମ ଟାଉନ (ୟୁଆଇଡିଏସଏମଟି) ଯୋଜନାରେ ୧୪.୫୧କୋଟି ଟଙ୍କା ବ୍ୟୟ ଅଟକଳରେ ଖରସ୍ରୋତା-ମୁଣ୍ଡମାଳା ଟ୍ରିଟମେଣ୍ଟ ପ୍ଲାଣ୍ଟ ହୋଇଛି। ଏହି ପ୍ଲାଣ୍ଟ ଜରିଆରେ ପୌରାଞ୍ଚଳର ୨୬ଟି ଜଳଯୋଗାଣ ହେଉଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବରେ କହ୍ନେଇପୁର, ଚାନ୍ଦମା, କାଚହୁଡିସାହି, ଡାହିସାହି, ରମ୍ଭାସ, ସାତକାଣିଆଁ, ସୋବରା, ଡିଗିସାହି, ଧବଳଗିରି ଆଦି ୱାର୍ଡବାସୀ ଏହି ଯୋଜନାରୁ ଏବେ ବି ପାଣି ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷେ ଜଳଯୋଗାଣ ହେଉଥିଲେ ହେଁ କାଦୁଅ ପାଣି ଯୋଗାଣ ସହରବାସୀଙ୍କ ଅତିଷ୍ଠ କରିଛି। ଏ ସଂକ୍ରାନ୍ତରେ ୱାଟ୍‌କୋର ବ୍ୟାସନଗର କନିଷ୍ଠ ଯନ୍ତ୍ରୀ ପୁହାଣ ବାବୁଙ୍କୁ ପଚାରିବାରୁ ସେ କହିଛନ୍ତି, କୋପଣ୍ଡ ଓ ଗୋଶାଳା ନିକଟରେ କୋଉଁଠି ତ୍ରୁଟି ରହିଛି। ଏହାର ସ୍ଥାୟୀ ସମାଧାନ କରିବାକୁ ପଦକ୍ଷେପ ନିଆଯାଇଛି।

# ଅଧିକାରୀ, ଜନପ୍ରତିନିଧିଙ୍କୁ ଟଙ୍କା ଫେରସ୍ତ ନୋଟିସ

**ରାସ୍ତା କାମରେ ଅର୍ଥ ହେରଫେର ଘଟଣା**

**ଧର୍ମଶାଳା,୧୮।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତା ନିର୍ମାଣ ନ କରି ଟଙ୍କା ହେରଫେର କରିଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏ ସମ୍ପର୍କରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ସମ୍ପୃକ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କଠାରୁ ସମସ୍ତ ଟଙ୍କା କାହିଁକି ଆଦାୟ କରା ନ ଯିବ ସେ ନେଇ ବ୍ଲକ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିଡିଓ ତରବରିଆ ଭାବେ ହଡ଼ପ ହୋଇଥିବା ୨ ଲକ୍ଷ ୨୧ ହଜାର ୪୬୮ ଟଙ୍କା ଆଦାୟ କରିବା ପାଇଁ ବ୍ଲକର ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତୀ ଗଡ଼ନାୟକ, ନିର୍ମଳ ଚନ୍ଦ୍ର ପଣ୍ଡା, ଜିଆରଏସ୍ ଚିନ୍ମୟୀ କର ଓ ପୂର୍ବତନ ସରପଞ୍ଚ ରୀନା ମଲିକଙ୍କୁ ୧୭।୮।୨୨ରେ ପତ୍ର ସଂଖ୍ୟା ୩୫୯୬ ମାଧ୍ୟମରେ ଜଣାଇଛନ୍ତି। ନୋଟିସର ଉତ୍ତର ୩ ଦିନ ମଧ୍ୟରେ ଦେବାକୁ କୁହାଯାଇଛି। ତେବେ ଏଠାରେ ରାସ୍ତାକାମରେ ଦୁର୍ନୀତି ହୋଇଥିବା ବିଡିଓ ସ୍ୱୀକାର କରିଥିବା ଏହି ଚିଠିରୁ ଜଣାପଡିଛି।

ସୂଚନା ମୁତାବକ, ୨୦୨୦-୨୨ ଆର୍ଥିକ ବର୍ଷରେ ଇମାମନଗର ଗ୍ରାମରେ ଅକ୍ଷୟ ପାଳଙ୍କ ଘରଠାରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ୫ ଲକ୍ଷ ଟଙ୍କା ଅନୁମୋଦନ କରାଯାଇ ତତ୍କାଳୀନ ପିଇଓଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଏଷ୍ଟିମେଣ୍ଟ୍ ହୋଇଥିବା ୩୨୦ ମିଟର ଲମ୍ବ ରାସ୍ତାର ମାତ୍ର ୯୦ ମିଟର କାମ କରାଯାଇ ୩୧ ଜଣ ଜବ୍‌କାର୍ଡଧାରୀଙ୍କ ନାମରେ ୨ ଲକ୍ଷ ୯୩ ହଜାର ୯୧୦ ଟଙ୍କା ଉଠାଇ ନିଆଯାଇଥିଲା। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଜାଣିବା ପରେ ବ୍ଲକରୁ ସମସ୍ତ ତଥ୍ୟ ସଂଗ୍ରହ କରି ଲୋକାୟୁକ୍ତ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୧୩।୪।୨୨ରେ ଏକ ମାମଲା ରୁଜୁ କରି ଘଟଣାର ସବିଶେଷ ତଥ୍ୟ ପ୍ରଦାନ ପାଇଁ ବିଡିଓଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ ଏଠାରେ ସେଭଳି କିଛି ଅନିୟମିତତା ହୋଇ ନ ଥିବା ନେଇ ବିଡିଓ ଲୋକାୟୁକ୍ତଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ପରେ ସୂଚନା ଅଧିକାର କର୍ମୀ ବେହୁରା ସମସ୍ତ ତଥ୍ୟ ପ୍ରମାଣ ସହ ପୁଣି ଲୋକାୟୁକ୍ତଙ୍କ ନିକଟରେ ହାଜିର ହୋଇଥିଲେ। ଲୋକାୟୁକ୍ତ ଏହାର ବିଚାର କରି ଘଟଣାର ସରଜମିନ ତଦନ୍ତ ପାଇଁ ଏକ ଟିମକୁ ସେଠାକୁ ପଠାଇଥିଲେ।

# ଇସ୍କନ ମନ୍ଦିରରେ ଜନ୍ମାଷ୍ଟମୀ


ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

**ଯାଜପୁର ରୋଡ,୧୮।୮(ଡି.ଏନ.ଏ.)**

ଯାଜପୁର ରୋଡ ସନ୍ତରାସ୍ଥିତ ଇସ୍କନ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶରେ ସଜେଇ ହୋଇ ପ୍ରଦର୍ଶନରେ ଭାଗ ନେଇଥିଲେ। ଏହାବାଦ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମନ୍ଦିରରେ ସହର ଓ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

# କାରଖାନା ବସ୍ ଚଳାଚଳ ଯୋଗୁ ଟ୍ରାଫିକ୍ ସମସ୍ୟା ବଢୁଛି

**କଳିଙ୍ଗନଗର,୧୮।୮(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳ ଏସିଆ ମହାଦେଶର ବୃହତ ଶିଳ୍ପ ନଗରୀ ଭାବେ ନିଜର ମାନ୍ୟତା ପାଇଥିବାବେଳେ ବ୍ୟାସନଗର ଏହାର ପ୍ରବେଶ ଦ୍ୱାର। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ସହର ମଧ୍ୟରେ କାରଖାନା କର୍ମଚାରୀଙ୍କ କାରଖାନାକୁ ଯାତାୟାତ ପାଇଁ ଶହଶହ ସଂଖ୍ୟାରେ ବସ୍ ଦ୍ରୁତ ଗତିରେ ଚଳାଚଳ କରୁଛି। ଫଳରେ ରାସ୍ତାରେ ଯିବା କଷ୍ଟକର ହେବା ସହିତ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଗତ ଦିନରେ କାରଖାନାର ବସ୍ ଯୋଗୁ ୨ଜଣଙ୍କ ଜୀବନ ହାନି ଘଟିଥିଲା। ଏହାର ସ୍ଥାୟୀ ପ୍ରତିକାର ଦାବିକରି ଗୁରୁବାର ଯାଜପୁରରୋଡ ସିଭିଲ ଶୋସାଇଟିର ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତି ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିବାକୁ ନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଓ ସିଭିଲ ଶୋସାଇଟିର ବିବେକାନନ୍ଦ ମହାନ୍ତି, ବିଦ୍ୟାଧର ମହାନ୍ତି, ଚନ୍ଦ୍ରମଣି ସାମଲ, ସନ୍ତୋଷ କୁମାର ମହାନ୍ତି, ଶିଶିର କୁମାର ରାଉତ ଓ ପବିତ୍ର ରଞ୍ଜନ ମହାନ୍ତି ତଥା ଟାଟା କାରଖାନାର ଦେବଦୂତ ମହାନ୍ତି, ଜିନ୍ଦଲର ଏନ.ଏମ. ରଥ, ଭିଶା କାରଖାନାର ଚିରଞ୍ଜୀବ ଅଗ୍ରୱାଲ, ରୋହିତ ଫେରୋଟେକରେ ପିକେ ଚେହେରା ପ୍ରମୁଖଙ୍କ ଉପସ୍ଥିତରେ ଆଲୋଚନା କରାଯାଇ ଏହାର ସ୍ଥାୟୀ ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହର ମଧ୍ୟରେ କେତୋଟି ପାର୍କିଂ ସ୍ଥାନ ନିରୂପଣ ସହିତ ସହରର ଭିଡ ସ୍ଥାନରେ ବସ ଯାତାୟାତ ନିଷେଧ କରିବାକୁ ଅତିରିକ୍ତ ଜିଲାପାଳ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ସେ ସ୍ଥାନୀୟ ପୋଲିସ ସହିତ ଆଲୋଚନା କରି ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ କହିଛନ୍ତି।

# ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ଛାତ୍ରୀଛାତ୍ରଙ୍କୁ ସ୍କୁଲ କାର୍ଯ୍ୟରେ ନିୟୋଜିତ ଘଟଣା**

**ରଗଡି,୧୮।୮(ଡି.ଏନ.ଏ.)**

ଯାଜପୁର ଜିଲା କୋରାଇ ବ୍ଲକ୍ ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବେଆଇନ ଭାବେ ସ୍କୁଲ କାର୍ଯ୍ୟରେ ନିୟୋଜିତ କରିବା ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଲିଖିତ ଅଭିଯୋଗ କରିଥିଲେ। ଅନିଚ୍ଛାକୃତ ଭାବେ ପିଲାଙ୍କୁ ଜୋରଜବରଦସ୍ତ ସ୍କୁଲ ଶ୍ରେଣୀ ଗୃହ ପୋଛା ସହିତ ପାଇଖାନା ଓ ବିଦ୍ୟାଳୟ ପରିସର ସଫା କାର୍ଯ୍ୟରେ ନିଯୁକ୍ତି କରୁଥିବା ଘଟଣାକୁ କେନ୍ଦ୍ର କରି ଏକାଧିକ ଅଭିଭାବକ ସ୍କୁଲ ଆସି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ପିଲାଙ୍କ ଶିକ୍ଷା ଉପରେ ଗୁରୁତ୍ୱ ନ ଦେଇ ପରିଚାଳନା କମିଟି ଗଠନ ଓ ଏକ ସୋଲାର ଲାଇଟ କିଣାରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସୋମବାର ଏ ନେଇ ଅଭିଭାବକ ସ୍କୁଲ ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବାରୁ ସ୍କୁଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଧବାର ଗ୍ରାମବାସୀ ଓ ଅଭିଭାବକ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଯୁଗପ୍ରଭା ସାବତଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ୱାଧୀନତା ଦିବସର ୨ ଦିନ ପୂର୍ବରୁ ସ୍କୁଲ ପରିସରରେ ମାଡିଥିବା ଲଟାବୁଦାକୁ ଛଡାଇବା ପାଇଁ ପିଲାଙ୍କୁ କହିଥିଲେ। ଯାହା ଦ୍ୱାରା ଜଣେ ଛାତ୍ରର ପାପୁଲି ଖଣ୍ଡିଆ ହୋଇଥିବା କଥା ସେ ସ୍ୱୀକାର କରିଥିଲେ। କିଛି ଦିନ ପୂର୍ବରୁ ସ୍କୁଲରେ ଛାତ୍ରୀଛାତ୍ର କୋଦାଳ ଧରି କାର୍ଯ୍ୟ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଅଭିଭାବକଙ୍କ ଅଭିଯୋଗକୁ ଆଧାର କରି ଜିଲାପାଳ ଏ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

**ବ୍ରହ୍ମବରଦା,୧୮।୮(ଡି.ଏନ.ଏ.)**

ଯାଜପୁର ବ୍ଲକ୍ ଅନ୍ତର୍ଗତ କବିରପୁର ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ବିଦ୍ୟାଳୟ ପରିଚାଳନା ସମିତି ଯୁଗ୍ମସମ୍ପାଦକ ଜନାର୍ଦ୍ଦନ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସିଦ୍ଧମାତା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ କୃଷ୍ଣ ନାମର ସାର୍ଥକତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି କୋଷାଧ୍ୟକ୍ଷ ବଟକୃଷ୍ଣ ସାହୁ, ସଭ୍ୟା ସୁଲୋଚନା ବେହେରା, ପୂର୍ବତନ ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ଗୋପୀନାଥ ବୈଶାଖ, ଅକ୍ଷୟ କୁମାର ବଳ, ପଞ୍ଚାନନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କୁ ନେଇ ରାଧାକୃଷ୍ଣ ବେଶ, ରଙ୍ଗୋଲି ଓ କୃଷ୍ଣଙ୍କ ଦ୍ୱାରା ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗୋଲ କରିଥିବା ଶିଶୁ ଚିତ୍ରକାରଙ୍କୁ ଅତିଥି ପୁରସ୍କୃତ କରିଥିଲେ।


ଛୋଟ ପିଲାଙ୍କୁ ନେଇ ରାଧାକୃଷ୍ଣ ବେଶ କରାଯାଇଛି।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୮।୮(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀ ଛକ ନିକଟରେ ବୁଧବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ପୁଅ ମିତ୍ରଭାନୁ ସ୍ୱାଇଁ (୨୩)। ସେ କେନ୍ଦ୍ରାପଡ଼ାରୁ ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁବାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏତଲାକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

# ଉନ୍ନୟନ କାର୍ଯ୍ୟରେ ଜନପ୍ରତିନିଧି ସହଯୋଗ କରନ୍ତୁ

**ଜନପ୍ରତିନିଧି, ବିଡିଓଙ୍କ ମିଳିତ ବୈଠକ**

**ରସୁଲପୁର,୧୮।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ପଞ୍ଚାୟତ, ଜୋନର ଜନପ୍ରତିନିଧି ଏବଂ ବିଡିଓ ଅବନିକାନ୍ତ ସାହୁଙ୍କ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ବିଡିଓ ସାହୁ ସମସ୍ତ ପ୍ରତିନିଧିଙ୍କ ସହ ପରିଚିତ ହେବାପରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟରେ ଜନପ୍ରତିନିଧି ସହଯୋଗ କରିବା ପାଇଁ ବ୍ଲକ ପକ୍ଷରୁ ଆହ୍ୱାନ କରାଯାଇଥିଲା।

ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନେଇ ସରପଞ୍ଚମାନେ ସଜାଗ ରହିବାକୁ ପରାମର୍ଶ ଦିଆଯାଇ ଥିଲା। ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା କଚ୍ଚାଘର ସମ୍ପର୍କରେ ସୂଚନା ଦେବା ସହ ହିତାଧିକାରୀଙ୍କୁ ଏନେଇ ପଞ୍ଚାୟତରୁ ଆରମ୍ଭ କରି ତହସିଲ ପର୍ଯ୍ୟନ୍ତ ଅଭିଯୋଗ କରିବାକୁ କୁହାଯାଇଛି। ସରପଞ୍ଚମାନେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଇବେ। ଅଭିଯୋଗକୁ ଆଲୋଚନା ଜରିଆରେ ସମାଧାନ କରାଯିବ ବୋଲି ବିଡିଓ ସାହୁ ମତ ରଖିଥିଲେ। ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ବିଡିଓ ଏବଂ ଜନ ପ୍ରତିନିଧି।

# 'ସ୍ୱ ଇଚ୍ଛାଶକ୍ତି ରହିଲେ ଶିକ୍ଷାର ବିକାଶ ହେବ'

**ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ**

**ଚଣ୍ଡିଖୋଲ,୧୮।୮(ଡି.ଏନ.ଏ.)**

ଭାରତୀୟ ସଂସ୍କୃତିରେ ମାତା, ପିତା, ଗୁରୁ, ଶିକ୍ଷାଦାତା ଓ ମାଟି ମା'ପ୍ରତି ସମ୍ମାନ ପ୍ରଦର୍ଶନ ନେଇ ଯେଉଁ ପରମ୍ପରା ରହିଛି ତାହା ଅନ୍ୟଦେଶରେ ଦେଖାଯାଇ ନ ଥାଏ। ସଙ୍କଳ୍ପ ଓ ପ୍ରତିବଦ୍ଧତା ସହକାରେ ଶିକ୍ଷା ଦାନ ଓ ଶିକ୍ଷା ଲାଭ କଲେ ନିଜକୁ ଜାଣିପାରିବ ଏବଂ ଆତ୍ମାକୁ ଭଲ ପାଇ ଉଚ୍ଚ ଆକାଂକ୍ଷା ପୂରଣ ହୋଇପାରିବ। ଯଦି ଆମର ସ୍ୱଇଚ୍ଛାଶକ୍ତି ରୁହେ ତେବେ ଆମ ଶିକ୍ଷାର ବିକାଶ ହୋଇପାରିବା ସହ ବ୍ୟବସ୍ଥାରେ ଉନ୍ନତି ହୋଇପାରିବ। ଗୁରୁବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏକଥା କହିଛନ୍ତି।

ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟି ସଭାପତି ପ୍ରଫେସର ତ୍ରିଲୋଚନ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ନିଜସ୍ୱ ସୃଜନ ଶକ୍ତି ଦ୍ୱାରା ଛାତ୍ରୀଛାତ୍ର ଦକ୍ଷତା ପ୍ରତିପାଦନ କରିପାରିବେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ତିଥିରେ ଏହି ପ୍ରତିଷ୍ଠା ଦିବସ ହୋଇଥିବାରୁ ପିଲାମାନେ ଶ୍ରୀକୃଷ୍ଣଙ୍କ ଗୀତା ବାଣୀକୁ ପଠନ କରି ଭାରତ ବର୍ଷର ଶ୍ରେଷ୍ଠ ଗ୍ରନ୍ଥ ଗୀତାର ଉଦାହରଣ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜକିଶୋର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ପ୍ରମୋଦ କୁମାର ଖଣ୍ଡେଇ। ଅଧ୍ୟାପକ ପବିତ୍ର କୁମାର ମହଲା ମହାବିଦ୍ୟାଳୟ ପ୍ରତିଷ୍ଠାତାମାନଙ୍କୁ ସ୍ମରଣ କରିବା ସହ ବିବିଧ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଗୋଚର କରିଥିଲେ। ଅଧ୍ୟାପିକା ଅମ୍ବିକା ତ୍ରିପାଠୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବାବେଳେ ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ତରଫରୁ ପ୍ରତିଷ୍ଠାତା ସଦସ୍ୟ ବୈଷ୍ଣବ ମଲ୍ଲିକ, ଅଶ୍ୱିନୀ କୁମାର ସାମଲ, ବସନ୍ତ କୁମାର ନାୟକ ଓ ପ୍ରଫେସର ତ୍ରୈଲୋକ୍ୟ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ବାଣିଜ୍ୟରେ ସୋନାଲି ପ୍ରିୟଦର୍ଶିନୀ ରାଉତ, ବିଜ୍ଞାନରେ ସୁପ୍ରିୟା ପ୍ରିୟଦର୍ଶିନୀ ସିଂହ ଓ ଯୁକ୍ତ ୨ କଳାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଭରତ ମହାନ୍ତି ସ୍ମୃତି କମିଟି ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ମାନିତ

ଖଣ୍ଡପଡା,୧୮।୮(ସ୍ୱ.ପ୍ର.): ସୋମବାର କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ସିଦ୍ଧେଶ୍ୱର ମିଶ୍ରଙ୍କୁ ଭରତ ମହାନ୍ତି ସ୍ମୃତି କମିଟି ପକ୍ଷରୁ ତାଙ୍କର ପୁତ୍ର ତଥା ବିଦ୍ୟାଳୟର ପୁରାତନ ଛାତ୍ର ବିଜୟ କୁମାର ଓ ବିନାୟକ ମହାନ୍ତି ପୁଷ୍ପଗୁଚ୍ଛ ଓ ମାନପତ୍ର ସହ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ହିନ୍ଦି ଶିକ୍ଷକ ସ୍ୱର୍ଗତ ଭରତ ମହାନ୍ତିଙ୍କ ପୁତୁରା ଜୟକୃଷ୍ଣ, ଯଦୁନାଥ ଓ ପରିବାରବର୍ଗଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଛାତ୍ରମାନେ ଉପସ୍ଥିତ ଥିଲେ ।

### ତିନୋଟି ମାମଲାରେ ୮ ଗିରଫ
#### ଜମି ହିଡ଼ ହାଣିବାରୁ ସଂଘର୍ଷ

ବ୍ରହ୍ମପୁର ଅଫିସ,୧୮।୮: ଜମି ହିଡ ହାଣିବାକୁ ନେଇ ଗତ ୧୬ ତାରିଖରେ ତିନୋଟି ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଅଭିଯୋଗ ପରେ ସଦର ଥାନା ପୋଲିସ ପୃଥକ ତିନୋଟି ମାମଲାରେ ୮ ଜଣଙ୍କୁ ଗିରଫ କରିଛି। ପ୍ରତାପଚନ୍ଦ୍ରପୁର ଗ୍ରାମର ସୁକାନ୍ତି ପ୍ରଧାନଙ୍କ ଅଭିଯୋଗ ଅନୁସାରେ ପୋଲିସ ଉକ୍ତ ଗ୍ରାମର କନ୍ତାରୁ ଗୌଡ଼ ଓ ତାଙ୍କର ୨ ପୁଅ ବାଉରୀବନ୍ଧୁ, ଦିଲୀପଙ୍କୁ ମାମଲା ନମ୍ବର ୩୬୧/୨୨ ରେ ଗିରଫ କରିଛି। ସେହିପରି ରିଙ୍କୁ ପ୍ରଧାନଙ୍କ ଅଭିଯୋଗ କ୍ରମେ ସିନୁ ଗୌଡ଼ ଓ ତାଙ୍କ ସମ୍ପର୍କୀୟ ଭାଇ ବୃନ୍ଦାବନ ଗୌଡ଼ଙ୍କୁ ମାମଲା ନମ୍ବର ୩୬୨/୨୨ ରେ ପୋଲିସ ଗିରଫ କରିଛି। ସେହିପରି ସିନୁଙ୍କ ଅଭିଯୋଗ କ୍ରମେ ମାମଲା ନମ୍ବର ୩୬୩/୨୨ ରେ ଧୋବା ପ୍ରଧାନ, ରିଙ୍କୁ ପ୍ରଧାନ ଓ କାଳିଆ ପ୍ରଧାନଙ୍କୁ ଗିରଫ କରିଛି। ସେହିପରି ଘଟଣା ବେଳେ ବ୍ୟବହୃତ ହୋଇଥିବା କୋଡ଼ି, ଠେଙ୍ଗା ଓ ଲାଠି ମଧ୍ୟ ଜବତ ହୋଇଛି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ମୋବାଇଲ ଲୁଟେରା ଗିରଫ

ବ୍ରହ୍ମପୁର ଅଫିସ,୧୮।୮: ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁରୁବାର ଜଣେ ମହିଳା ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଲୁଟେରା ଜଣଙ୍କ ବ୍ରହ୍ମପୁର ଆସ୍କାରୋଡ ଲକ୍ଷ୍ମୀବିହାରର ପ୍ରଭାସିନୀ ସାହୁ(୪୫)। ପୋଲିସ ଜଣେ ବ୍ୟକ୍ତିଙ୍କ ଠାରୁ ଲୁଟ ହୋଇଥିବା ଏକ ଦାମୀ ମୋବାଇଲ ଫୋନ ପ୍ରଭାସିନୀଙ୍କଠାରୁ ଜବତ କରିଛି। ସେ ଜଣେ ଭିନ୍ନକ୍ଷମ ବୋଲି ପୋଲିସ କହିଛି। ମାମଲା ନମ୍ବର ୬୦/୨୨ ରେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୁଧବାର ରାତିରେ ଜଣେ ମହିଳା ଜୁନାଗଡ ଟ୍ରେନରୁ ଛତ୍ରପୁର ରେଳଷ୍ଟେଶନରେ ଓହ୍ଲାଇ ଠିଆ ହୋଇଥିଲେ। ଆରପିଏଫ କର୍ମଚାରୀ ସୁଦର୍ଶନ ସେଠି ମହିଳାଙ୍କୁ ପଚରାଉଚରା ପରେ ସେ ଧରିଥିବା ମୋବାଇଲଟି ଜୁନାଗଡ ଟ୍ରେନରୁ ଲୁଟ ହୋଇଥିବା ଜଣାପଡିଥିଲା। ମହିଳା ଓ ଲୁଟ ମୋବାଇଲକୁ ଜିଆରପି ଥାନାକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଯାଞ୍ଚ ବେଳେ ଉକ୍ତ ମୋବାଇଲଟି ଭେଙ୍କଟ ରାବଣା ପଟ୍ଟନାୟକଙ୍କର ବୋଲି ଜଣାପଡିଥିଲା। ଭେଙ୍କଟ ଟ୍ରେନରେ ଯାତ୍ରା କରୁଥିଲା ବେଳେ ଛତ୍ରପୁର ନିକଟରେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଥିଲା ବୋଲି ସେ ପୋଲିସକୁ କହିଥିଲେ।

# ୪ ଟ୍ରେନ ବାତିଲ ନେଇ ଅସନ୍ତୋଷ

ନୟାଗଡ ଅଫିସ,୧୮।୮

■ ଆନ୍ଦୋଳନ ଡାକରା ଦେଲା ନାଗରିକ ମଞ୍ଚ
■ ରେଳ ବିଭାଗର ନୟାଗଡ଼ ଜିଲାକୁ ଉପେକ୍ଷା

ଗୋଟିଏ କି ଦୁଇଟି ନୁହଁ ଚାରୋଟି ଟ୍ରେନ ବାତିଲ୍ ପରେ ରେଳ ବିଭାଗର କ୍ରମାଗତ ନୟାଗଡ଼ ଜିଲା ପ୍ରତି ଅବହେଳା ସ୍ପଷ୍ଟ ହୋଇଛି ବୋଲି ଅଭିଯୋଗ ଉଠିଛି । ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ବାରମ୍ବାର ଅନୁରୋଧ ଏବଂ ଦାବି ପରେ ରେଳ ବିଭାଗ ନୟାଗଡ଼ ଜିଲାକୁ ଅଣଦେଖା ପ୍ରଦର୍ଶନ କରୁଥିବାରୁ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି । ଏନେଇ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ବୈଠକ କରାଯାଇ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି ।

ପ୍ରକାଶଯେ ଗତ ୧୩ ତାରିଖରେ ପୂର୍ବତଟ ରେଳପଥର ପ୍ରିନ୍ସିପାଲ ଅପରେଶନମ୍ୟାନେଜରଙ୍କ ଚିଠିଜରିଆରେ ନୂଆଗାଁ ରୋଡ଼-ଭୁବନେଶ୍ୱର-ନୂଆଗାଁ ରୋଡ଼ ମଧ୍ୟରେ ଯିବା ଆସିବା କରୁଥିବା ଟ୍ରେନ (ନଂ-୦୮୪୨୯/୦୮୪୩୦) ଦୁଇଟିକୁ ପରିଚାଳନାଗତ ତ୍ରୁଟି ଦର୍ଶାଇ ବାତିଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଣୁ ଗତ ୧୬ ତାରିଖରୁ ନୁଆଗାଁ ରୋଡ଼ରୁ ଭୁବନେଶ୍ୱର ଯାଉଥିବା ଦୁଇଟି ପାସେଞ୍ଜର ଟ୍ରେନ ଆଉ ଚଳାଚଳ କରୁ ନାହିଁ । ଏଣୁ ନୂଆଗାଁ,ଦଶପଲ୍ଲା, ଗଣିଆ ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପାସେଞ୍ଜର ହେଉ ନ ଥିବା ବାହାନା କରି ନୟାଗଡ଼ ଟାଉନରୁ ଖଡ଼ଗପୁର ଯାଉଥିବା ନିୟମିତ ଟ୍ରେନ (ନଂ-୫୮୦୦୫/୫୮୦୦୬)କୁ ମଧ୍ୟ ପୂର୍ବରୁ ବାତିଲ କରାଯାଇଛି । ସେହିପରି ନୟାଗଡ଼ ଟାଉନରୁ ପୁରୀ ଯାଉଥିବା ଦୁଇଟି ପାସେଞ୍ଜର ଟ୍ରେନ ବାତିଲ କରିଦିଆ ଯାଇଥିଲା । ଜିଲାବାସୀଙ୍କ ବାରମ୍ବାର ଦାବି ଫଳରେ ଏବେ ମାତ୍ର ଗୋଟିଏ ଟ୍ରେନ ପୁରୀ ଯାଉଥିବା ବେଳେ ଅନ୍ୟ ଟ୍ରେନଟି କେବେ ଚାଲିବ ତାହାର ଉତ୍ତର କାହା ପାଖରେ ନାହିଁ। ପୂର୍ବତଟ ରେଳପଥ ପକ୍ଷରୁ ନୟାଗଡ଼ ଜିଲାକୁ ବାରମ୍ବାର ଉପେକ୍ଷା କରାଯାଇ ୪ଟି ଟ୍ରେନକୁ ବାତିଲ କରି ଦେବା ଫଳରେ ଜିଲାବାସୀ ଦୂରଦୂରାନ୍ତକୁ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୨୦୧୭ ମସିହାରେ ନୟାଗଡ଼ ଜିଲା ରେଳ ମାନଚିତ୍ରରେ ସ୍ଥାନ ପାଇଥିଲା । ବିଭାଗ ପକ୍ଷରୁ ଅନେକ କିଛି ଗମନାଗମନ ସୁବିଧା ପାଇବେ ବୋଲି ଆଶା ବାନ୍ଧି ରହିଥିବା ବେଳେ ରେଳ ବିଭାଗ ଜିଲାବାସୀଙ୍କୁ ବାରମ୍ବାର ନିରାଶ କରିଚାଲିଛି । ଏ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁ ଜିଲାବାସୀ ଉପେକ୍ଷିତ ହୋଇ ରହିଛନ୍ତି । ଏ ନେଇ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଲକ୍ଷ୍ମୀଧର ସାହୁ,ଗୋକୁଳ ଷଡ଼ଙ୍ଗୀ,ଶେଖ ଅବଦୁଲ ଖାଲିକ୍, ଦାମୋଦର ସାହୁ,ପ୍ରଫୁଲ୍ଲ ପୃଷ୍ଟି,ଗୋପୀନାଥ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି ।

# ଗୋଖାଦ୍ୟରେ ରାଜନୀତି



ବନ୍ୟାଞ୍ଚଳରେ ଗୋଖାଦ୍ୟ ବଣ୍ଟନ କରାଯାଉଛି।

ନୟାଗଡ଼ ଅଫିସ,୧୮।୮

■ ଟିକା ନେଇଥିଲେ ମିଳୁଛି
■ ବନ୍ୟା ବିପନ୍ନଙ୍କୁ ଅଣଦେଖା
■ ରାସ୍ତାରେ ଜମିଛି ବନ୍ୟାଜଳ

ମହାନଦୀର ବନ୍ୟା ପରିସ୍ଥିତି ଷଷ୍ଠ ଦିବସରେ ପହଞ୍ଚିଥିବାବେଳେ ଗଣିଆର ରାସ୍ତାରେ ଜମି ରହିଛି ବନ୍ୟାଜଳ । ରାସଙ୍ଗ କାଦୁଆ ରାସ୍ତାରେ ୪ ଫୁଟ, କଳାପାଟ ଠାରେ ୪ରୁ ୫ଫୁଟ, ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ନିକଟରେ ୨ରୁ ସାଢ଼େ ୩ ଫୁଟ, କଳାପାଟ ଠାକୁରାଣୀଙ୍କ ପାଖରେ ୪ରୁ ୫ଫୁଟ, ବେଣ୍ଟପଡା ଛାମୁଣ୍ଡିଆ ରାସ୍ତାରେ ୪ରୁ ୭ଫୁଟ ପାଣି ଜମିଛି । ବିଦ୍ୟୁତ୍ ନ ଥିବାରୁ ବିପନ୍ନଙ୍କ ଦୁଃଖ ବଢ଼ି ଚାଲିଥିବାବେଳେ ଗଣିଆର ବିଭିନ୍ନ ଗାଁରେ ଗୋଖାଦ୍ୟ ପହଞ୍ଚିଛି । ତେବେ ଗୋଖାଦ୍ୟ ବଣ୍ଟନରେ ରାଜନୀତି ଚାଲିଥିବା ଅଭିଯୋଗ ହୋଇଛି। ଯେଉଁ ଗୋରୁ ଟିକା ନେଇ ନାହାନ୍ତି ସେମାନଙ୍କୁ ଖାଦ୍ୟ ଦିଆଯାଉନି । ଯେଉଁ ଗୋରୁ ଟିକା ନେଇଛନ୍ତି ସେମାନଙ୍କର ମାଲିକମାନଙ୍କୁ ଖାଦ୍ୟ ବଣ୍ଟନ ହେଉଛି । ଅନେକ ଚାଷୀ ଟିକା ଗୋରୁଙ୍କୁ ଦେଇ ନ ଥିବାରୁ ଗୋଖାଦ୍ୟକୁ ନେଇ ପାରୁ ନାହାନ୍ତି, ଯାହାକି ଅସନ୍ତୋଷ ବଢ଼ାଇବାରେ ଲାଗିଛି। ଛାମୁଣ୍ଡିଆ ଅଞ୍ଚଳର ଜଣେ ବିପନ୍ନ ନାଁ ଗୋପନ ରଖି କହିଛନ୍ତ, ଦୁର୍ଦ୍ଦଶା ସମୟରେ ରାଜନୀତି ଠିକ୍ ନୁହେଁ । ଆମ ଅଞ୍ଚଳରେ ବନ୍ୟା ୬ ଦିନ ହେଲା ହେଲାଣି। ପ୍ରଶାସନ ପକ୍ଷରୁ ସମୀକ୍ଷା ପରେ ସମୀକ୍ଷା ଚାଲିଛି । ହେଲେ ବିପନ୍ନମାନେ କିପରି ଅଛନ୍ତି, କ'ଣ ଖାଉଛନ୍ତି ସେ ନେଇ ପ୍ରଶାସନର ଚିନ୍ତା ନାହିଁ । ଅନ୍ୟ ଅଞ୍ଚଳରେ ରହୁଥିବା ବ୍ୟକ୍ତି ହିଁ ଅନୁଭବ କରି ପାରିବ ବିପନ୍ନଙ୍କ ଦୁର୍ଦ୍ଦଶା କ'ଣ । ଘରେ ଚୁଲି ଜଳୁନି । ବାହାରୁ ଖାଦ୍ୟ ଘରକୁ ଆସି ପାରୁନି । କୁଅ ଓ ନଳକୂପ ବୁଡି ରହିଛି । ଏଭଳି ସମୟରେ କେବଳ ଗୋଖାଦ୍ୟ ଆସିଛି । ସେଥିରେ ପୁଣି ବାଛ ବିଚାର କରାଯାଇ ବଣ୍ଟନ ହେଉଛି । ବିପନ୍ନଙ୍କୁ ରନ୍ଧାଖାଦ୍ୟ ସହ ରିଲିଫ ଉପକରଣ ଯୋଗାଇବାରେ ପ୍ରଶାସନ ଓ ସରକାରଙ୍କ ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି ।

### ଆକାଉଣ୍ଟରୁ ଗଲା ୯୯ ହଜାର

ବ୍ରହ୍ମପୁର ଅଫିସ,୧୮।୮

ବ୍ରହ୍ମପୁର ସହରରେ ଦିନକୁଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ ଏହି ଠକ ଗ୍ୟାଙ୍ଗ ବ୍ରହ୍ମପୁର ସହରର ୩ଜଣଙ୍କଠାରୁ ପୃଥକ୍ ଭାବେ ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ କଲେ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି କହି ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି। ଏହି ଧାରାରେ ପୁଣି ଥରେ ଗୁରୁବାର ଏଭଳି ଠକେଇର ଶିକାର ହୋଇଛନ୍ତି ଜଣେ ବ୍ୟକ୍ତି। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବା ବାହାନାରେ ପ୍ରଥମେ ୧୦ ଟଙ୍କା ଓ ପରେ ୯୯ ହଜାର ୬୦୦ ଟଙ୍କା ଲୁଟି ନେଇଛନ୍ତି ଏହି ଗ୍ୟାଙ୍ଗ । ଠକେଇର ଶିକାର ହୋଇଥିବା ଟି.କେ. ପ୍ରସାଦ ଏନେଇ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ବଡବଜାର ଥାନା ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟସ୍ଥ ଉତ୍କଳ ସ୍କେକ୍ସମ୍ ପ୍ରଭାକର ରିଜେନ୍ସିରେ ରହୁଥିବା ପ୍ରସାଦଙ୍କ ମୋବାଇଲକୁ ଗତ ୮ ତାରିଖରେ ଅଜଣା ବ୍ୟକ୍ତିଙ୍କ ନମ୍ବରରୁ ଏକ ହ୍ୱାଟସଆପ୍ ମେସେଜ ଆସିଥିଲା। ଦର୍ଶାଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ମେସେଜ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବିଦ୍ୟୁତ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବକେୟା ବିଲ୍ ରାତି ୯ଟା ସୁଦ୍ଧା ପୈଠ ନ କଲେ ସଂଯୋଗ ବିଚ୍ଛିନ୍ନ ହେବ ବୋଲି ସେ କହିଥିଲେ।



କଣ୍ଟିଲୋ ନୀଳମାଧବ ବିହାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ।

# ବାବାଙ୍କୁ ବନ୍ୟାଘେରରୁ ଉଦ୍ଧାର



ବାବାଙ୍କୁ ବନ୍ୟାଜଳ ଘେରରୁ ଉଦ୍ଧାର କରାଯାଉଛି।

ନୟାଗଡ଼ ଅଫିସ,୧୮।୮

କଳାପାଟ ଠାକୁରାଣୀଙ୍କ ସେବକ ସଦାଶିବ ବାବା ପାଣି ଘେରରେ ୬ଦିନ ହେଲା ରହି ଯାଇଥିଲେ । ମନ୍ଦିର ନିକଟସ୍ଥ ରାସ୍ତାରେ ୫ଫୁଟରୁ ଅଧିକ ପାଣି ଥିବାରୁ ବାବା ସଂପୃକ୍ତ ସ୍ଥାନ ଛାଡି ଆସି ପାରିନଥିଲେ। ଖାଇବା ପିଇବାରେ ଅସୁବିଧା ଦେଖା ଦେଇଥିଲା। ଏଭଳିସ୍ଥଳେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଦମକଳ କର୍ମଚାରୀମାନେ ବାବାଙ୍କୁ ଉଦ୍ଧାର କରିଛନ୍ତି।

ଛାମୁଣ୍ଡିଆ ଓ ଏହାର ଆଖପାଖ ଅଞ୍ଚଳରେ ପୋଟଳ, ବାଇଗଣ, ଝୁଲଣ ପରି ପନିପରିବା ଚାଷ ହେଉଛି । ଚଳିତ ବର୍ଷ ବି ଭଲ ଫସଲ ହୋଇଥିଲା । ହେଲେ ୬ଦିନ ଧରି ପନିପରିବା ଫସଲରେ ପାଣି ମାଡି ରହିବାରୁ ଫସଲ ପଚିଗଲାଣି ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ଧାନ ଫସଲ ଉପରେ ବନ୍ୟାଜଳ ମାଡି ରହିଛି । ଚଳିତ ବର୍ଷ ଭଲ ଧାନ ଗଛ ହୋଇଥିଲା। ବନ୍ୟାଜଳ ମାଡି ରହିଥିବାରୁ ଗଛ ନଷ୍ଟ ହୋଇବା ଆଶଙ୍କା ପ୍ରକାଶ ପାଇଲାଣି ।

# ୫ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ବିଧାୟକ



ପୂର୍ବତନ ବିଧାୟକ ଜଣେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଖଣ୍ଡପଡ଼ା,୧୮।୮(ସ୍ୱ.ପ୍ର.)

ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ୫ଟି ମହାବିଦ୍ୟାଳୟରେ ଛାତ୍ରୀମାନେ ଛାତ୍ରମାନଙ୍କୁ ପଛରେ ପକାଇ ସର୍ବୋଚ୍ଚ ମାର୍କ ରଖି କଲେଜ ଟପ୍ପର ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ପ୍ରତିବର୍ଷ ପରି ଚଳିତ ବର୍ଷ ବିଭିନ୍ନ ମହାବିଦ୍ୟାଳୟରେ +୨ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଟପ୍ପର ହୋଇଥିବା ଖଣ୍ଡପଡା ପଠାଣିସାମନ୍ତ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ସାହୁ, ଖଣ୍ଡପଡା ସହରାଞ୍ଚଳସ୍ଥିତ ଜୁନିୟର ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର, କଣ୍ଟିଲୋ ନୀଳମାଧବ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ସେଠୀ, ପଦ୍ମାବତୀ ପ୍ରହ୍ଲାଦ ମହାବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ମହାରଣା ଓ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀଙ୍କୁ ବ୍ୟକ୍ତିଗତ ଭାବେ ସେମାନଙ୍କ ବାସ ଭବନରେ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରିବ ରିଲିଫ୍ କମିଟି

ବ୍ରହ୍ମପୁର ଅଫିସ,୧୮।୮

ରାଜ୍ୟରେ ବନ୍ୟା ପ୍ରପୀଡିତଙ୍କୁ ସହାୟତାର ହାତ ବଢାଇବା ନିମନ୍ତେ ସଂସ୍କାରବାଦୀ ସଂଗଠନ ଓ ଜିଲା ଓଷ୍ଟା ଶାଖା ପକ୍ଷରୁ ଏକ ରିଲିଫ କମିଟି ଗଠନ କରାଯାଇଛି। ଏ ନେଇ ଗୁରୁବାର ପ୍ରେମନଗର ସ୍ଥିତ ଓଷ୍ଟା କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ପ୍ରଭାତ କୁମାର ମିଶ୍ର ଓ ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲାରେ ବନ୍ୟା ପାଣି ଘେରରେ ରହିଥିବା ଲୋକଙ୍କୁ ରିଲିଫ ପ୍ରଦାନ ନିମନ୍ତେ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସମୀର କୁମାର ଆଚାର୍ଯ୍ୟଙ୍କ ସମେତ ପ୍ରଭାତ କୁମାର ମିଶ୍ର, ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଚରଣ ଗୌଡ, ଲଳିତ ମୋହନ ସାହୁ, ସୀମାଞ୍ଚଳ ପତି, ସନ୍ତୋଷ କୁମାର ମହାନ୍ତି, ଶିବ ପ୍ରସନ୍ନ ମିଶ୍ର, ପ୍ରମୋଦ କୁମାର ପଟ୍ଟନାୟକ, ରବି ନାରାୟଣ ସାବତ, ସଙ୍ଗୀତା କୁମାରୀ ମହାନ୍ତି, ଭାଗ୍ୟପ୍ରଭା ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲା ଆକାଶ ତଳେ ପିଲାଙ୍କ ପାଠପଢ଼ା

ଦଶପଲ୍ଲା,୧୮।୮( ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କୁଜାମେଣ୍ଡି ପଞ୍ଚାୟତ କୁମ୍ଭିକିଲା ଗ୍ରାମରେ ରହିଛି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ । ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଏହି ସ୍କୁଲ ସାମିଲ ହୋଇପାରିନାହିଁ । ଫଳରେ ଛାତ୍ରୀଛାତ୍ରମାନେ ଗଛ ତଳେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢୁଛନ୍ତି । ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ୨୦୦୭ରେ ନିର୍ମାଣ କରାଯାଇଥିଲା । ହେଲେ ନିମ୍ନମାନର କାମ ହୋଇଥିବାରୁ କାନ୍ଥ ଫାଟି ଆଁ କରିଛି । କାନ୍ଥ ଓ ଛାତର ପ୍ଲାଷ୍ଟର ଛାଡ଼ି ପାଣି ଗଳୁଛି । ୨ଟି ଶ୍ରେଣୀଗୃହ ଥିଲେ ମଧ୍ୟ ଗୋଟିଏ ଗୃହର କବାଟ ଝରକା ନାହିଁ। ସ୍କୁଲ ପରିଚାଳନା କମିଟି ସଭାପତି ନୀଳକଣ୍ଠ ପ୍ରଧାନ ଓ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମଲିକ ଶ୍ରେଣୀ ଗୃହ ଅବସ୍ଥା ଦେଖି ବାହର ପିଣ୍ଡିରେ ପିଲାଙ୍କୁ ବସାଇ ପାଠ ପଢ଼ାଉଥିଲେ । କିନ୍ତୁ ଲଗାଣ ବର୍ଷାରେ ପିଲରରୁ ସିମେଣ୍ଟ ପ୍ଲାଷ୍ଟର ଛାଡ଼ି ଯିବା ଯୋଗୁ ଏବେ ପିଲାମାନେ ଗଛ ମୂଳେ ପାଲ ପକାଇ ପଢୁଛନ୍ତି । ସଭାପତି ଓ ଗ୍ରାମର ୱାଡ଼ ମେମ୍ବର ନକୁଳ ପ୍ରଧାନ ସମେତ ଗ୍ରାମବାସୀ ନୟାଗଡ ଜିଲା ପ୍ରଶାସନ ଏଂ ଶିକ୍ଷା ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଥିଲେ ମଧ୍ୟ କୋଣସି ପ୍ରତିକାର ହୋଇ ପାରିନାହିଁ।



ଗଛତଳେ ବସି ପିଲାମାନେ ପାଠ ପଢୁଛନ୍ତି।

# ପରିବା ଦୋକାନରୁ ମିଳିଲା ବ୍ରାଉନସୁଗାର, ଅଫିମ, ଗଞ୍ଜେଇ

ବ୍ରହ୍ମପୁର ଅଫିସ,୧୮।୮

ଅବକାରୀ ଗୋଇନ୍ଦା ବିଭାଗ (ଦକ୍ଷିଣାଞ୍ଚଳ)ଉପ ଆୟୁକ୍ତ (ଡେପୁଟି କମିଶନର) ଅଶୋକ କୁମାର ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଭାଲିଆଗଡ଼ ଛକ ଜାତୀୟ ରାଜପଥ କଡ଼ରେ ଥିବା ଏକ ପରିବା ଦୋକାନରେ ଗୁରୁବାର ଚଢ଼ାଉ କରିଥିଲା। ଯାଞ୍ଚ ପରେ ଉକ୍ତ ଦୋକାନରୁ ୧୦୧ ଗ୍ରାମ ବ୍ରାଉନ୍ ସୁଗାର, ୧୦୦ ଗ୍ରାମ ଅଫିମ ଓ ୨୦କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ଏ. ଭାସ୍କର ଦୋରାଙ୍କୁ ଗିରଫ କରାଯାଇଛି। ନଂ.୫୩୯/୨୨-୨୩ ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ନିଶା କାରବାର କରୁଥିବା ମାଫିଆ ଭାସ୍କରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ଶତପଥୀ ସୂଚନା ଦେଇଛନ୍ତି। ଜବତ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବ୍ରାଉନସୁଗାର, ଅଫିମ ଓ ଗଞ୍ଜେଇ ।

ସାମଗ୍ରୀର ମୂଲ୍ୟ ପ୍ରାୟ ୧୪ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

ସୂଚନା ଅନୁସାରେ, ବ୍ରହ୍ମପୁର ସହରର ପୁରୁଣା ବ୍ରାଉନ୍ ସୁଗାର ବେପାରୀ ସନ୍ଦୀପ ଅଗ୍ରୱାଲ୍ ଓରଫ୍ ସାଣ୍ଟିଙ୍କୁ ଅବକାରୀ ବିଭାଗ ବିଗତ ଦିନରେ କାବୁ କରିଥିଲା । ତାଙ୍କ ବୟାନକୁ ଆଧାର କରି ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗତ କିଛିଦିନ ତଳେ ଗୋପାଳପୁର ରାସ୍ତାରୁ ଜଣେ ଯୁବକକୁ ଗିରଫ କରି ବ୍ରାଉନ୍ ସୁଗାର ଜବତ କରିଥିଲା ଅବକାରୀ ବିଭାଗ। ଭାଲିଆଗଡ଼ ଛକରେ ଏକ ପରିବା ଦୋକାନରେ ନିଶା ସାମଗ୍ରୀ ବିକ୍ରି ହେଉଥିବା ନେଇ ଖବର ଆସିଥିଲା। ସେ ନେଇ ଅବକାରୀ ଗୋଇନ୍ଦା ବିଭାଗ ଟିମ୍ ଗୁରୁବାର ଅପରାହ୍ନରେ ସେଠାରେ ଚଢ଼ାଉ କରିଥିଲା। ଜବତ ବ୍ରାଉନ୍ ସୁଗାର ପାକିସ୍ତାନରୁ ବଙ୍ଗଳାଦେଶ ହୋଇ କଲିକତା ଆସିଥାଏ। ପରେ ସେଠାରୁ ବାଲେଶ୍ୱର ଓ ପରେ କଟକ ହୋଇ ଗଞ୍ଜାମ ଜିଲାର ବ୍ରହ୍ମପୁର ଆସିଥିବା ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ବୋଲି ଅବକାରୀ ଡେପୁଟି କମିଶନର ଶତପଥୀ ଖବରଦାତାଙ୍କୁ ସୂଚନା ଦେଇଛନ୍ତି । ତେବେ ଏହି କାରବାର ପଛରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ଅବକାରୀ ବିଭାଗ ଏବେ ଖୋଳତାଡ଼ ଜାରି ରଖିଛି।

ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଗୋଇନ୍ଦା ଉପ ଅଧୀକ୍ଷକ କୁବେର ସେଠୀ ଓ ଇନ୍ସପେକ୍ଟର ହୃଦୟ ଚାନ୍ଦ ସାମନ୍ତ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅନ୍ୟପଟେ ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ଅଧୀନରେ ଥିବା ରାୟଗଡ଼ାରୁ ଅବକାରୀ ପୋଲିସ ୨ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୫ କୁଇଣ୍ଟାଲ ୭୨ କେଜି ଟ୍ରକ ଭର୍ତ୍ତି ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ପ୍ରାୟ ୫କୋଟି ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।